# ବିଭିନ୍ନ ସ୍ଥାନରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

## ଜଳେଶ୍ୱର ମହିଳା ଓ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ



**ଜଳେଶ୍ୱର,୨୭।୧୨(ସମିସ)**

ଜଳେଶ୍ୱର ସହର ନୂଆବଜାର ସ୍ଥିତ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ଓ ପୁରୁଣା କୋର୍ଟ ବଜାର ସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ପରିଚାଳନା କମିଟି ସଭାପତି ଚିନ୍ମୟ ଦାସ ସଭାପତିତ୍ୱ କରିଥିବା ସ୍ଥଳେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲିଟି ଚେୟାରମ୍ୟାନ ପ୍ରତିପ ପ୍ରଧାନ, ବ୍ଲକ ଚେୟାରମ୍ୟାନ ମାନସ ଜେନା, ଜିଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ପୂର୍ବତନ ଅଧ୍ୟକ୍ଷ କମଳାକାନ୍ତ ଚାନ୍ଦ ପ୍ରମୁଖ ମଞ୍ଚାସୀନ ହୋଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ, ଡ.ପ୍ରଫୁଲ୍ଲ ଦେ, ରତନ ମିଶ୍ର, ସଂଗ୍ରାମ ପଟ୍ଟନାୟକ, ଡ.ଲିପସା ଦାସ, ଦୟାନିଧୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ବିଭିନ୍ନ ପ୍ରକାର ଖେଳରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ହୋଇଥିବା ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲିଟି ଚେୟାରମ୍ୟାନ ପ୍ରତିପ ପ୍ରଧାନ, ବ୍ଲକ ଚେୟାରମ୍ୟାନ ମାନସ ଜେନା, ଜିଲ୍ଲା ପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ସ୍ଥାନୀୟ କାଉନସିଲର ସୁଷମା କର ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ଅଧ୍ୟକ୍ଷ ସରୋଜ ମହାନ୍ତି, ଅଧ୍ୟାପକ ଅଶୋକ ରଥ, ଶ୍ରବଣ ନାଥ ପ୍ରମୁଖଙ୍କ ସହିତ ଅନ୍ୟ ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ସଂଯୋଜକ ମଧୁସୂଦନ ସେନାପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ମନ୍ତ୍ରୀଙ୍କ ଉପସ୍ଥିତିରେ ହୋଇଥିବା ରକ୍ତଦାନ ଶିବିରରେ ମୋଟ୍ ୪୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ବୈକୁଣ୍ଠନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ଭୋଗରାଇ** : କ୍ରୀଡା ଓ ଯୁବ ବିକାଶ ବ୍ୟାପାର ମନ୍ତ୍ରଣାଳୟ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର କଟୁଆଡି ବୈକୁଣ୍ଠନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ "ନୂଆ -ଓ' କାର୍ଯ୍ୟକ୍ରମ ବୁଧବାର ଉଦଯାପିତ ହୋଇଯାଇଛି। ବିଭିନ୍ନ ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ଶ୍ରେଣୀର ସମୁଦାୟ ୩୫୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ୧୨୬ ଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଥିଲା ବେଳେ ସମସ୍ତଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ହରିପଦ ପ୍ରମାଣିକଙ୍କ ପୌରହିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ, ମୁଖ୍ୟବକ୍ତା ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ପୁତ୍ର ରାଧାଶ୍ୟାମ ମହାନ୍ତି, ବରିଷ୍ଠ ଅଧ୍ୟାପକ ଦିବାକର ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ।

## ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ

**ଭୋଗରାଇ** : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ)ରେ ବୁଧବାର ବ୍ଲକ୍‌ସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୋଗରାଇ ବ୍ଲକ ଅନ୍ତର୍ଗତ ୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ୨ଟି ମହାବିଦ୍ୟାଳୟରୁ "ନୂଆ -ଓ" କାର୍ଯ୍ୟକ୍ରମରେ ମନୋନୀତ ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ କେଦାର ସିଂ ଦାସ ପତାକା ଉତ୍ତୋଳନ କରି ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ



ଉମାକାନ୍ତ ପରିଡା, ଅନ୍ୟତମ ଅତିଥି ଭାବେ ଇଂରାଜୀ ବିଭାଗ ପ୍ରାଧ୍ୟାପକ ଡଃ ବିଜୟକେତନ ପଟ୍ଟନାୟକ ଯୋଗଦେଇଥିଲେ। ଉଦଯାପନୀ ସଭାରେ ଅଧ୍ୟକ୍ଷ କେଦାର ସିଂ ଦାସ ଅଧ୍ୟକ୍ଷତା କରିଥିଲା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ମୁଖ୍ୟବକ୍ତା ଭାବେ ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବିର ଗିରି, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ଜେନା ପ୍ରମୁଖ ଯୋଗଦେଇଥିଲେ। ଆରଆଇଏଚଏସ ମହାବିଦ୍ୟାଳୟର ଅର୍ଥ ନିୟନ୍ତ୍ରକ ଅଧ୍ୟାପକ ଦିଲ୍ଲୀପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ମୁମ୍ବାଇକୁ ସାପ୍ତାହିକ ଟ୍ରେନ୍ ଚଳାଚଳ କରିବାକୁ ଦାବି

**ସୋର,୨୭।୧୨(ସମିସ):** ଆସନ୍ତା ୫ ତାରିଖ ନୀଳଗିରିକୁ ଏକ ନୂତନ ଟ୍ରେନ୍ ଚାଲିବା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଘୋଷଣା କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଆଜି ପର୍ଯ୍ୟନ୍ତ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାକୁ ପୂର୍ବତଟ ରେଳବାଇରେ ମିଶ୍ରଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲେ ସୁଦ୍ଧା କିଛି ସୁଫଳ ମିଳିନାହିଁ। ଖଡ଼ଗପୁର ଡିଭିଜନର ଅଧିକାରୀମାନେ ବୈମାତୃକ ମନୋଭାବ ନେଇ ଏହି ସବୁ ଷ୍ଟେସନ ପ୍ରତି କୌଣସି ଧ୍ୟାନ ଦେଉନାହାନ୍ତି। ଟ୍ରେନ୍ ଯାତ୍ରୀମାନଙ୍କ ପାଇଁ ଦୀର୍ଘଦିନରୁ ବାଲେଶ୍ୱର-ମୁମ୍ବାଇ ଏକ ସାପ୍ତାହିକ ଟ୍ରେନ୍ ଚଳାଇବା ସହିତ ଜଳେଶ୍ୱର-ଭଦ୍ରକ ୨ ଘଣ୍ଟା ଅନ୍ତରରେ ଲୋକାଲ ଟ୍ରେନ୍ ଯିବା-ଆସିବା କରାଯିବା ସହିତ ଉତ୍ତର ଓଡିଶା ବାରିପଦାରୁ ପଶ୍ଚିମ ଓଡ଼ିଶା ଦେଇ ରାଉରକେଲାକୁ ଏକ ସପ୍ତାହିକ ଟ୍ରେନ୍ ଚଳାଇବା ପାଇଁ ବ୍ୟବସ୍ଥା କରାଗଲେ ଉତ୍ତର ଓଡ଼ିଶା ସହିତ ପଶ୍ଚିମ ଓଡ଼ିଶାର ବାଣିଜ୍ୟ ଏବଂ ଅର୍ଥନୈତିକ କାରବାର ଉନ୍ନତି ଘଟିପାରିବ। ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ସାଂସଦ ଶ୍ରୀ ଷଡଙ୍ଗୀ, ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କ ନିକଟରେ ବାଲେଶ୍ୱର ଓ ମୟୂରଭଞ୍ଜର ଜନସାଧାରଣ ଦାବି କରିଛନ୍ତି।

# ସ୍ମୃତିଚାରଣ ସଭା, ପ୍ରତିମୂର୍ତ୍ତି ଓ ସ୍ମରଣିକା ଉନ୍ମୋଚନ

**ଚନ୍ଦନେଶ୍ୱର/ଶ୍ରଦ୍ଧାପୁର/ଚୌକି,୨୭।୧୨(ସମିସ):** ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତ ରଣସିଂହପୁର ଗ୍ରାମ ସ୍ଥିତ ବାସଭବନରେ ଆଜି ବିଶିଷ୍ଟ ସମାଜସେବୀ ତଥା ବିଜେଡି ନେତା ଦିବଙ୍ଗତ ସନ୍ତୋଷ କୁମାର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହେବା ସହ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାକୁ ଶ୍ରଦ୍ଧାପୁର ପଞ୍ଚାୟତର ପୂର୍ବତନ ପଞ୍ଚାୟତ ସମିତିସଦସ୍ୟ ସୁଶାନ୍ତ ନାୟକ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବିର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ୩୨ନଂ ଜୋନର ଜିଲ୍ଲା ପରିଷଦ କବିତା ମହାନ୍ତି, ୩୪ନଂ ଜୋନର ଜିଲ୍ଲା ପରିଷଦ ନିବେଦିତା ମହାନ୍ତି, ସମାଜସେବୀ ନଗେନ୍ଦ୍ର ଜେନା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ସମାଜସେବୀ ଅଭିଜିତ ଦାସ, ସତ୍ୟଶିବ ଦାସ, ଆଶିଷ ଦାସ, କବି ସୁକୁମାର ଦାସ, ବିଦ୍ୟୁବେନ୍ଦୁ ପାତ୍ର, ଜିଲ୍ଲା ବିଜେଡି ଉପସଭାପତି ଭୁବନାନନ୍ଦ ଦାସ, ଶ୍ରଦ୍ଧାପୁର ପଞ୍ଚାୟତର ସରପଞ୍ଚ ପ୍ରତ୍ୟାଶା ପାତ୍ର, କାନ୍ଠଥଭଉଁରୀ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଚରଣ ଜେନା, ଶିକ୍ଷାବିତ ଶମ୍ଭୁନାଥ ଜେନା, କୃତ୍ତିବାସ ସୁର, ଶଶିଭୂଷଣ ମହାନ୍ତି, ଧନଞ୍ଜୟ ପାତ୍ର, ସମାଜସେବୀ ଚନ୍ଦନ ପାତ୍ର, ଯାଦବେଶ ମିଶ୍ର, ବଳରାମ ପାତ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣା କରିଥିଲେ। ଏହି ଅବସରରେ ଏକ "ସ୍ମରଣିକା' ଲୋକାର୍ପିତ ହୋଇଥିଲା। ସେହିପରି ଶ୍ରଦ୍ଧାପୁର ହାଟ ନିକଟସ୍ଥ ରାସ୍ତା ପାଶ୍ୱର୍ରେ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ଯୋଜନାବୋର୍ଡର ଅଧ୍ୟକ୍ଷ ବିଧାୟକ ଅନନ୍ତ ଦାସ ଏହି ପ୍ରତିମୂର୍ତ୍ତି ଉଦଘାଟନ କରିଥିଲେ।

# ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

**ସୋର,୨୭।୧୨(ସମିସ):** ସୋର ବ୍ଲକ ସବିରା ପଞ୍ଚାୟତ ସବିରା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିବାକୁ ଥିବା ବେଳେ ସକାଳେ ବିଦ୍ୟାଳୟର ପ୍ରତିଷ୍ଠାତା ଗଣେଶ ପ୍ରଧାନଶିକ୍ଷକ ରମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଜୟନ୍ତ ସ୍ୱାଇଁ,



ପ୍ରସାଦ ମହାପାତ୍ର ସୁବର୍ଣ୍ଣ ଜୟନ୍ତୀ ପତାକା ଉତ୍ତୋଳନ କରିଥିଲେ। ପୂର୍ବାହ୍ନରେ ସ୍ଥାନୀୟ ପତ୍ରଶୁଣି ପୀଠରୁ ଅଖଣ୍ଡମାଳ ଆସିବା ପରେ ଏକ ମଶାଲ ଶୋଭାଯାତ୍ରା ପୀଠରୁ ବାହାରି ବିଦ୍ୟାଳୟରେ ପହଞ୍ଚିଥିଲା। ସେଠାରେ ସୋର ବିଧାୟକ ପର୍ଶୁରାମ ଧଡ଼ା ମଶାଲକୁ ଗ୍ରହଣ କରିଥିଲେ। ପରେ ଉଦଘାଟନୀ ସଭା ବିଦ୍ୟାଳୟର ତଳନଗର ସରପଞ୍ଚ ଗୀତାରାଣୀ ଦାଶ, ସମିତିସଭ୍ୟା ସସ୍ମିତା ବାରିକ, ସବିରା ସରପଞ୍ଚ ରାଜୀବ ରାଉତ, ସମିତିସଭ୍ୟା ଅପରାଜିତା ମାରାଣ୍ଡି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମୃତିଫଳକ ଉନ୍ମୋଚନ କରାଯାଇଥିଲା। ଉମାକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ଅସୁସ୍ଥ

**ବାଲେଶ୍ୱର,୨୭।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଜୟ ନାରାୟଣ ମହାନ୍ତିଙ୍କ ହଠାତ ଶାରୀରିକ ଅସୁସ୍ଥତା ପାଇଁ ବାଲେଶ୍ୱର ସରକାରୀ



ମେଡ଼ିକାଲ କଲେଜ ହସ୍ପିଟାଲ ଆଇସିୟୁରେ ତାଙ୍କୁ ଭର୍ତ୍ତି କରାଯାଇଛି। ଶ୍ରୀ ମହାନ୍ତି ବୁଧବାର ଦିନ ସକାଳେ ଘରେ ଥିବାବେଳେ ଅସୁସ୍ଥ ହୋଇ ପଡ଼ିଥିଲେ। ଘର ଲୋକେ ତାଙ୍କୁ ବାଲେଶ୍ୱର ସହରର ଜନୈକ ଡାକ୍ତରଙ୍କ ପାଖକୁ ଦେଖାଇବା ପାଇଁ ଆଣିଥିଲେ। ଡାକ୍ତର ତାଙ୍କୁ ଦେଖୁଥିଲା ବେଳେ ସେ ଅଧିକ ଅସୁସ୍ଥ ହୋଇପଡ଼ିଥିଲେ। ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର

ଦହମୁଣ୍ଡା,୨୭।୧୨(ସମିସ): ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅନ୍ତର୍ଗତ ନହରା ପଞ୍ଚାୟତ କଣ୍ଡାଳିଆ ଗ୍ରାମର ଧାନବିଲ ଭିତରୁ ଆଜି ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ଯୁବକଙ୍କୁ ହତ୍ୟାକରି କେହି ଦୁର୍ବୃତ୍ତ ଫୋପାଡି ଦେଇଥିବାର ଅଭିଯୋଗ ହୋଇଛି। ମୃତ ଯୁବକ ଜଣକ ହେଲେ ସେହି ଗାଁର ଶମ୍ଭୁନାଥ ପଢିଆରୀ (୪୦)। ଶମ୍ଭୁ ଗତକାଲି ଧାନଚାଷ କାର୍ଯ୍ୟ କରି ସନ୍ଧ୍ୟା ସମୟରେ ସ୍ଥାନୀୟ ଏକ ଛକରେ ଥିବା ଦୋକାନକୁ ଚା' ପିଇବାକୁ ଯାଉଛି ବୋଲି କହି ଘରୁ ବାହାରି ଯାଇଥିଲେ। ମାତ୍ର ପରେ ସେ ରାତିରେ ଘରକୁ ଫେରି ନ ଥିଲେ। ପରିବାର ଲୋକ ବହୁ ସମୟ ଖୋଜାଖୋଜି କରିବା ପରେ ମଧ୍ୟ ପାଇ ନ ଥିଲେ। ତେବେ କେତେକ ଗ୍ରାମବାସୀମାନେ ବିଲକୁ ଆସିଥିବା ବେଳେ ଶମ୍ଭୁଙ୍କ କ୍ଷତବିକ୍ଷତ ଶବ ବିଲରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଶମ୍ଭୁଙ୍କ ଦେହର ବିଭିନ୍ନ ଜାଗାରେ କ୍ଷତାକ୍ତ ଓ ମୁହଁକୁ ଛେଚି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ କମର୍ଦ୍ଦା ପୁଲିସକୁ ଖବର ଦେଇଥିବା ବେଳେ ଘଟଣାସ୍ଥଳରେ କମର୍ଦ୍ଦା ଥାନାର ଭାରପ୍ରାପ୍ତ ଅଧିକାରିଣୀ ପ୍ରେମଦା ନାୟକ ଏବଂ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ଶବକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ପରିବାର ଲୋକେ ଶମ୍ଭୁକୁ କେହି ହତ୍ୟାକରି ଫୋପାଡି ଦେଇଥିବା ଅଭିଯୋଗ ଆଣିଛନ୍ତି। ଏ ନେଇ କମର୍ଦ୍ଦା ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ସୂଚନା ମିଳିଛି।

# ନୂତନ ସାପ୍ତାହିକ ହାଟ ଉଦ୍‌ଘାଟିତ

**ରାଇବଣିଆ, ୨୭।୧୨(ସମିସ):** ବାଲେଶ୍ୱର ଜିଲ୍ଲାର ଉପାନ୍ତ ଅଞ୍ଚଳ ଭାବରେ ଜଣାଶୁଣା ଖୁଦିଆମାଝୀ ସାହି ପଞ୍ଚାୟତର ଗୋପାଳପ୍ରାସାଦ ଗାଁ ଖେଳପଡ଼ିଆ ପାଖରେ ନୂତନ ସାପ୍ତାହିକ ହାଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ହାଟ ପ୍ରତ୍ୟେକ ସପ୍ତାହ ବୁଧବାର ଅପରାହ୍ନରେ ବସିବ। ପାଖାପାଖି ୧୦ଖଣ୍ଡ ଗାଁ ଲୋକ ଏହି ହାଟରୁ ସତେଜ ପନିପରିବା ସହିତ, ମାଛ, ମାଂସ, ଅଣ୍ଡା, ସଉଦା ମସଲା, ଜଳଖିଆ ଓ ରେଡିମେଡ ସହିତ ଅନେକ ସାମଗ୍ରୀ ବିକ୍ରି ହେଉଛି ବୋଲି ହାଟ କମିଟିର ସଭାପତି ଶାନ୍ତନୁ ପାଣି କହିଥିଲେ। ମହାନଦୀ ବଞ୍ଚାଅର ଆବାହକ ସୁଦର୍ଶନ ଦାସ ସାପ୍ତାହିକ ହାଟକୁ ଉଦଘାଟନ କରିଥିଲେ।

# ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଲେ ମନ୍ତ୍ରୀ



**ଜଳେଶ୍ୱର,୨୭।୧୨(ସମିସ)**

ଜଳେଶ୍ୱର ମ୍ୟୁନିସପାଲିଟି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜଳେଶ୍ୱରର ବରିଷ୍ଠ ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଜଳେଶ୍ୱର ବ୍ଲକ, ମ୍ୟୁନିସିପାଲିଟି ତଥା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଚାଲୁ ରହିଥିବା ସରକାରୀ ଓ ନୂତନ ଭାବେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ସମ୍ବନ୍ଧରେ ବିସ୍ତୃତ ବିବରଣୀ ରଖିଛନ୍ତି। ଆସନ୍ତା ଜାନୁଆରୀ ୩୦ ସୁଦ୍ଧା ନୂଆବଜାର ରେଳ ଓଭର ବ୍ରିଜ୍ କାମ ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ଦିଆଯାଇଛି। ସେହିପରି ସୁବର୍ଣ୍ଣରେଖା ନଦୀ ଉପରେ ଦକ୍ଷିଣ ପ୍ରହରାଜପୁର-ଗୋବରଘାଟା ଓ ଚୋରମାରା ଠାରେ ହେବାକୁ ଥିବା ହାଇଲେବୁଲ ବ୍ରିଜ୍ ଅତିଶୀଘ୍ର ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀପାତ୍ର ପ୍ରକାଶ କରିଛନ୍ତି। ଅନ୍ୟ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ପୁରୁଣା ଓଟି ରୋଡ଼ରୁ ରାଇବଣିଆକୁ ଯାଇଥିବା ଆର୍‌ଡି ରୋଡର ବିକାଶ, ଲକ୍ଷ୍ମଣନାଥ କୋର୍ଟ ବିଲ୍ଡିଂ ପାଖରେ ଆନ୍ତରାଜ୍ୟ ବସଷ୍ଟାଣ୍ଡ ଓ ଟ୍ରକ୍ ଟର୍ମିନାଲ, ସହରର ପରିତ୍ୟକ୍ତ ଗ୍ରୀନ୍‌ରେ ବିଲ୍ଡିଂ ସାମ୍ନାରେ ହାଇଜେନିକ୍ ମାଛ ମାର୍କେଟ୍ ନିର୍ମାଣ, ଅଲାଲପୁର ଠାରେ ଏକ ଗୋଶାଳା ଏବଂ ଚାଲନ୍ତି ଠାରେ ଶିଳ୍ପାଞ୍ଚଳ ପାର୍କ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଅନୁମୋଦନ ତଥା ବ୍ୟୟବରାଦ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ୍ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର।

DSPL-491

ଆମ ଓଡ଼ିଶା ନବୀନ ଓଡ଼ିଶା

5T TRANSPARENCY TECHNOLOGY TEAMWORK TIME TRANSFORMATION

ଭ୍ରୂଣର ଲିଙ୍ଗ ନିରୂପଣ ଏକ ଦଣ୍ଡନୀୟ ଅପରାଧ

ଝିଅଟିଏ ରତ୍ନଟିଏ
ଝିଅଟିଏ ଖୁସି ଦିଏ

ସୂଚନାଦାତାଙ୍କୁ ପ୍ରୋତ୍ସାହନ

ଅଣପଞ୍ଜିକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ଓ ଅଣପଞ୍ଜିକୃତ ଭ୍ରାମ୍ୟମାଣ ଅଲଟ୍ରାସାଉଣ୍ଡ ମେସିନ୍ ସମ୍ବନ୍ଧରେ ସଠିକ ସୂଚନା ଜଣାଇଲେ ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ଟ.୨୫୦୦୦/- ପ୍ରୋତ୍ସାହନ ରାଶି ୩ ଟି କିସ୍ତିରେ ପ୍ରଦାନ କରାଯିବାର ବ୍ୟବସ୍ଥା ଉପଲବ୍ଧ।

ସର୍ତ୍ତାବଳୀ

- ସୂଚନା ପାଇବା ପରେ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ନିରୀକ୍ଷଣ କମିଟି ଦ୍ୱାରା ତଦନ୍ତ କରାଯାଇ ସତ୍ୟ ପ୍ରମାଣିତ ହେଲେ ସୂଚନାଦାତାଙ୍କୁ ପ୍ରଥମ କିସ୍ତିରେ **ଟ.୧୦,୦୦୦/-** ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
- ପରବର୍ତ୍ତୀ ପର୍ଯ୍ୟାୟରେ ଦୋଷୀଙ୍କ ବିରୁଦ୍ଧରେ କୋର୍ଟରେ କେସ୍ ହେଲେ ସୂଚନା ଦାତାଙ୍କୁ ଦ୍ୱିତୀୟ କିସ୍ତିରେ **ଟ.୧୦,୦୦୦/-** ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
- କୋର୍ଟ କେସ୍‌ର ଶୁଣାଣି ଶେଷ ହୋଇ ଦୋଷୀକୁ ଦଣ୍ଡବିଧାନ ହେଲେ ସୂଚନା ଦାତାଙ୍କୁ ଶେଷ ତଥା ତୃତୀୟ କିସ୍ତିର **ଟ.୫,୦୦୦/-** ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।

ସୂଚନା ଦେଇଥିବା ବ୍ୟକ୍ତି ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ କି ନାହିଁ ତାହା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ସ୍ଥିର କରିବେ।

PC & PNDT ଆଇନ ଅନୁଯାୟୀ ସୂଚନାଦାତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ।

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha http://www.health.odisha.gov.in/ @HFWOdisha

OIPR-10003/13/0152/2324

## ଶ୍ରୀଜଙ୍ଗ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



**ବାଲେଶ୍ୱର, ୨୭।୧୨(ସମିସ):** ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅଧୀନସ୍ଥ ଶ୍ରୀଜଙ୍ଗ ସେବା ସମବାୟ ସମିତିରେ ଖରିଫ ଧାନ କ୍ରୟ ପାଇଁ ମଣ୍ଡିର ଶୁଭ ଉଦଘାଟନ କାର୍ଯ୍ୟକ୍ରମ ସଭାପତି ତଥା ଛାତ୍ରନେତା ସିମନ ଦାସ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେଇଯାଇଛି। ପାଞ୍ଚଟି ପଞ୍ଚାୟତ ଯଥା ଶ୍ରୀଜଙ୍ଗ, ମହାରାଜପୁର, ଇଞ୍ଚୁଡ଼ି, ତୁଣ୍ଡୁରା ଏବଂ ତାଳପଦା ପଞ୍ଚାୟତକୁ ନେଇ ଗଠିତ ସମବାୟ ସମିତିରେ ପାଖାପାଖି ୧୬୫୦ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ପଞ୍ଜିକରଣ କରିଥିବା ବେଳେ ବାଲେଶ୍ୱର ଜିଲ୍ଲାର ତିନିଟି ଧାନ ମିଲ ଦ୍ୱାରା ଧାନ କ୍ରୟ କରାଯିବାର ଅନୁମୋଦନ ମିଳିଛି। ଆଜି ଏହି ମଣ୍ଡିକୁ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଗଣେଶ ମହାପାତ୍ର ଶୁଭ ଉଦଘାଟନ କରିଥିଲେ। ୩୮ ନଂ ଜୋନ ଜିଲ୍ଲାପରିଷଦ ବନ୍ଦିତା ନାୟକ, ଶ୍ରୀଜଙ୍ଗ ସରପଞ୍ଚ କବିତା ସେଠୀ, ମହାରାଜପୁର ସରପଞ୍ଚ ଶରତ ପାଣି, ତାଳପଦା ସରପଞ୍ଚ ହରେନ୍ଦ୍ର ମଲ୍ଲିକ, ଶ୍ରୀଜଙ୍ଗ ସମିତିସଭ୍ୟ ଗଣେଶ ମଲ୍ଲିକ, ପୂର୍ବତନ ସଭାପତି ଅନିରୁଦ୍ଧ ଦାସ, ପୂର୍ବତନ ଜିଲ୍ଲା ପରିଷଦ ରାମନାରାୟଣ ଶତପଥି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସମ୍ପାଦକ ଅଜୟ ବାରିକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲେଶ୍ୱର, ୨୭।୧୨(ସମିସ):** ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟର ୧୦ମ ବାର୍ଷିକ ସମାରୋହ 'ଉନ୍ମେଷ' ପାଳିତ ହୋଇଯାଇଛି। ସଭାପତି ଡ଼. ଭାଗବତ ପ୍ରସାଦ ଦାସ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ମୁଖ୍ୟଅତିଥି ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ମୁଖ୍ୟବକ୍ତା ସମାଜସେବୀ ପ୍ରଭାତ ବିଶ୍ୱାଳ ଏବଂ ସମ୍ମାନୀତ ଅତିଥିଭାବେ ଶୈଳବାଳା ବେହେରା ବିଆରସିସି ରେମୁଣା ବ୍ଲକ, ଏବିଇଓ ବଳରାମ ନାୟକ, ସରପଞ୍ଚ ଜାନକୀ ଦାସ, ସମିତି ସଭ୍ୟ ସୁଷମା ପ୍ରଧାନ, ଶିକ୍ଷକ ନିରଞ୍ଜନ ସାହୁ, ପ୍ରତିଷ୍ଠାତା ଗୟାପ୍ରସାଦ ମାହାର୍ଣ୍ଣା ଯୋଗ ଦେଇଥିଲେ। ପ୍ରଦୀପ ମିଶ୍ର ଅତିଥି ପରିଚୟ ଦେଇଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ମୋନାଲିସା ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ରାଧାଗୋବିନ୍ଦ ମାହାର୍ଣ୍ଣା, ସ୍ୱାଗତ ଭାଷଣ ଓ ଶିକ୍ଷକ ସଞ୍ଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେଶନ ନାଟ୍ୟକାର ପ୍ରଦୀପ ମିଶ୍ର ସଭାପତିତ୍ୱରେ ମୁଖ୍ୟଅତିଥି ବେଣୁଧର ପତି, ବସନ୍ତ ପ୍ରଧାନ, ସତ୍ୟଭାମା ମୁଦୁଲି, ରମେଶଚନ୍ଦ୍ର ଖଣ୍ଡା, ଗୁଣାକର ଦାସ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

## ଜାତୀୟ ଗଣିତ ଦିବସ ପାଳିତ




**ବାଲେଶ୍ୱର, ୨୭।୧୨(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଗଣିତ ବିଭାଗ ପକ୍ଷରୁ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରଖ୍ୟାତ ଭାରତୀୟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ପରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଅଶୋକା ବାନାର୍ଜୀ, ମୁଖ୍ୟବକ୍ତା ଭାବେ ଡ. କମଳାକାନ୍ତ ଘୋଷ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କଲେଜ ଅଧ୍ୟକ୍ଷ ମୁଖ୍ୟଅତିଥିଙ୍କୁ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗଣିତ ବିଭାଗର ମୁଖ୍ୟ ଦେବେନ୍ଦ୍ର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ରୀତାଞ୍ଜଳି ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ରଶ୍ମିରେଖା ସିଆଲ୍ ଧନ୍ୟବାଦ ଅର୍ପଣ କରିଥିଲେ।

### ସଡ଼କ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

# ଶୂନ୍ୟମୃତ୍ୟୁ ଲକ୍ଷ୍ୟ ସଫଳ କରିବାକୁ ଗୁରୁତ୍ୱାରୋପ

**ବାଲେଶ୍ୱର, ୨୭।୧୨(ସମିସ):**



ବାଲେଶ୍ୱର ଜିଲ୍ଲା ପ୍ରଶାସନ ଅନ୍ତର୍ଗତ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଆନୁକୂଲ୍ୟରେ ଆସନ୍ତା ଜାନୁଆରୀ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ସଡ଼କ ସୁରକ୍ଷା ସପ୍ତାହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ସ୍ଥାନୀୟ ମହାତ୍ମା ଗାନ୍ଧୀ ଯୋଜନା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସପ୍ତାହ ପାଳନର ସ୍ଲୋଗାନ ରହିଛି, 'ସଡ଼କ ସୁରକ୍ଷା ପରିବାର ରକ୍ଷା'। ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜିତ ଦଳବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୁଲାଳସେନ ଜଗଦ୍ଦେବ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ତଥା ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ପୁଲିସ ବିଭାଗ, ଜାତୀୟ ରାଜପଥ ବିଭାଗ, ପୂର୍ତ୍ତ ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ, ବିଭିନ୍ନ ପୌରପାଳିକାର ଅଧିକାରୀଗଣ, ବିଭିନ୍ନ ମୋଟର ଯାନ ସଂଘର କର୍ମକର୍ତ୍ତା, ଜିଲ୍ଲା ଅବକାରୀ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟ ସମ୍ପୃକ୍ତ ବିଭାଗ ଏବଂ ନିମନ୍ତ୍ରିତ ସଭ୍ୟମାନେ ଯୋଗଦେଇ ପାଳନ ହେବାକୁ ଥିବା ଏହି ସଡ଼କ ସୁରକ୍ଷା ସପ୍ତାହକୁ ଶୂନ୍ୟ ମୃତ୍ୟୁ ଭାବେ ସଫଳ ରୂପାୟନ ଦେବା ନିମନ୍ତେ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମଦ୍ୟପ ଚାଳକ, ବିନା ହେଲମେଟ ଓ ବିନା ଲାଇସେନ୍ସ ଚାଳକ ଆଦି ଟ୍ରାଫିକ ନିୟମ ଭଙ୍ଗକାରୀଙ୍କ ଉପରେ ଏହି ଅବସରରେ ଯାଞ୍ଚ ଓ ଜରିମାନା ଜୋରଦାର କରାଯିବ। ଜାତୀୟ ରାଜପଥ ବିଭାଗ, ବିଶେଷ କରି ଜାତୀୟ ରାଜପଥ -୧୬ କର୍ତ୍ତୃପକ୍ଷ ରାସ୍ତାରେ ଥିବା ଖାଲଖମା ପୂରଣ ସହ ଅନ୍ୟ ସମସ୍ୟା ତୁରନ୍ତ ସୁଧାରି ନେବାକୁ ଜିଲ୍ଲାପାଳ ତାଗିଦ୍ କରିଥିଲେ। ଟ୍ରାଫିକ ନିୟମ କଡ଼ା କଡ଼ି ପାଳନ କରିବାକୁ ମୋଟର ଯାନ ସଂଘଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜପଥ ଉପରୁ ଅଯଥା ହମ୍ପସ ଅପସାରଣ, ନିୟମ ଅନୁଯାୟୀ ହମ୍ପସର ରଙ୍ଗ କରିବା, ଟୋଲ୍ ଗେଟ୍ ନିକଟରେ ଆମ୍ବୁଲାନ୍ସ ଏବଂ କ୍ରେନ୍ ମହଜୁଦ ରଖିବା ଆଦି ବିଷୟ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ସପ୍ତାହ ପାଳନ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ବିଷୟରେ ଚିତ୍ରକଳା ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ, ଫିଲ୍ମ ପ୍ରଦର୍ଶନ, ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟାଳୟ କାନ୍ଥରେ ସଡ଼କ ସୁରକ୍ଷା ବାର୍ତ୍ତା ସମ୍ବଳିତ ପୋଷ୍ଟର ଆଦି ଲଗାଇବା, ପିକନିକ୍ ସ୍ପଟ୍ ରାସ୍ତାର ପ୍ରବେଶ ଓ ପ୍ରସ୍ଥାନ ପଥରେ ଅଧିକ ପୁଲିସ ମୁତୟନ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପେଟ୍ରୋଲ ପମ୍ପ ନିକଟରେ ଚାଳକଙ୍କର ଚକ୍ଷୁ ଓ ଅନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା, ବିଳମ୍ବିତ ରାତ୍ରିରେ ଜାତୀୟ ରାଜପଥରେ ଚାଳକମାନଙ୍କୁ ନିଦ ନ ଆସିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ମାଗଣା ଚା ଯୋଗାଇବା, ବିଭିନ୍ନ ବ୍ଲାକ୍ ସ୍ପଟ୍ ମାନଙ୍କରେ ପାଟ୍ରୋଲିଂ ବଢ଼ାଇବା, ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ନ ଛାଡ଼ିବା ପାଇଁ ରାଜପଥ ନିକଟ ଗ୍ରାମବାସୀଙ୍କୁ ସଚେତନ କରାଇବା, ସଡ଼କ ସୁରକ୍ଷା ମୂଳକ ବିଭିନ୍ନ ସାଇନ୍ ବୋର୍ଡ ଲଗାଇବା ତଥା ସକାଳ ଓ ସନ୍ଧ୍ୟାରେ ଚେକିଙ୍ଗ ତୀବ୍ର କରିବା ଆଦି ବିଷୟ ଉପରେ ନିଷ୍ପତ୍ତି ନିଆଯାଇଥିଲା। ବିଶେଷ କରି ଚିହ୍ନିତ ଦୁର୍ଘଟଣା ପ୍ରବଣ ସ୍ଥାନ ମାନଙ୍କରେ ଦାୟିତ୍ୱ ବହନକାରୀ ସମ୍ପୃକ୍ତ ବିଭାଗମାନେ ଅଧିକ ଯତ୍ନବାନ୍ ହେବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ପ୍ରକାରର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରି ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକୀୟ ସାଧନ ମହଜୁଦ ରଖି ଏହି ସଡକ ସୁରକ୍ଷା ସପ୍ତାହ ପାଳନକୁ ସମ୍ପୂର୍ଣ୍ଣ ସଫଳ ରୂପାୟନ ଦେବା ନିମନ୍ତେ ସମସ୍ତେ ସହଯୋଗ କରିବାକୁ ଜିଲ୍ଲାପାଳ ଆଶାବ୍ୟକ୍ତ କରିଥିଲେ।

## ବିଭିନ୍ନ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ



**ବାଲେଶ୍ୱର, ୨୭।୧୨(ସମିସ):** ବାଲେଶ୍ୱର ରେମୁଣା ବିଜ୍ଞାପିତ ଅଞ୍ଚଳ ଅନ୍ତର୍ଗତ ୧୧ ନମ୍ବର ୱାର୍ଡରେ ଆଜି ୬ଟି ବିକାଶମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦଘାଟନ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ଦ୍ୱାରା ଅନୁଷ୍ଠିତ ହେଇଯାଇଛି। ୧୧ନଂ ୱାର୍ଡର ଧିରେନ ମହାପାତ୍ରଙ୍କ ଘର ଠାରୁ ଗୋବିନ୍ଦ ସାହୁଙ୍କ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ, ବାସୁଲୀ ଠାକୁରାଣୀ ଛକଠାରୁ ଅନନ୍ତ ସାମନ୍ତରାଙ୍କ ଘର ପର୍ଯ୍ୟନ୍ତ ପେଭର ରାସ୍ତା ନିର୍ମାଣ, ଗତିକୃଷ୍ଣ ପଟ୍ଟନାୟକଙ୍କ ଘରଠାରୁ ଜୟଦେବଙ୍କ ଘର ପର୍ଯ୍ୟନ୍ତ ପେଭର ରାସ୍ତା ନିର୍ମାଣ, ପ୍ରଶାନ୍ତ କରଙ୍କ ଘରଠାରୁ ରବି ମାହାଲାଙ୍କ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ, ତିର୍ଲା ସାଧନାଙ୍କ ଠାରୁ ରାମଚନ୍ଦ୍ର ଧଳଙ୍କ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ କରିଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କର୍ମ ତତ୍ପର ଅଭିଯାନରେ ନିର୍ମାଣ ହୋଇଥିବା ମୁକ୍ତାକାଶ ବ୍ୟାୟାମଶାଳାର ମଧ୍ୟ ଉଦଘାଟନ କରିଛନ୍ତି ବିଧାୟକ। ଏହାବାଦ ବିଧାୟକ ପରିଡ଼ା ରେମୁଣା ନିର୍ବାଚନ ମଣ୍ଡଳୀର ହରିପୁର ପଞ୍ଚାୟତ ଅନ୍ତର୍ଗତ ବେଗୁନିଆ ଠାରେ ନିର୍ମାଣ ହେବାକୁ ଯାଉଥିବା ଆରଆଇ କାର୍ଯ୍ୟାଳୟର ଶିଳାନ୍ୟାସ କରିଛନ୍ତି।

## କସମିଳା ଗ୍ରାମରେ ସଚେତନତା ଶିବିର

**ବାଲେଶ୍ୱର, ୨୭ ।୧୨(ସମିସ):** 'ନୂଆ-ଓ' ଆନୁକୂଲ୍ୟରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସମାଜ କଲ୍ୟାଣ କାର୍ଯ୍ୟକ୍ରମ ସଂସ୍ଥା ପକ୍ଷରୁ କସମିଳା ଗ୍ରାମରେ ବିଭିନ୍ନ ସରକାରୀ ଯୋଜନାକୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ନୋଡାଲ ଅଫିସର ଡ ବିଜୟ କୁମାର ଦେ ଶତାଧିକ ସ୍ୱେଚ୍ଛାସେବୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରିଥିଲେ। ଗ୍ରାମର ସରଳ, ନୀରକ୍ଷର ଲୋକମାନଙ୍କୁ ହରିଶ୍ଚନ୍ଦ୍ର ଯୋଜନାଠାରୁ ଆରମ୍ଭ କରି ମହିଳାମାନଙ୍କ ଉଦ୍ଦେଶ୍ୟରେ ଥିବା ମମତା ଯୋଜନା ପର୍ଯ୍ୟନ୍ତ ୩୦ଟି ଯୋଜନା ଉପରେ ଛାତ୍ରୀ ସ୍ମୃତିଦୀପ୍ତା ପ୍ରଧାନ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ.ମୀନତି ସେଠୀ, ପୂର୍ଣ୍ଣପ୍ରଭା ମନ୍ତ୍ରୀ ଓ ସଂଯୁକ୍ତା ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବାଲେଶ୍ୱର, ୨୭।୧୨(ସମିସ):** ଅଗ୍ରଣୀ ଶିକ୍ଷାନୁଷ୍ଠାନ ପ୍ରିନ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୩-୨୪ ସ୍ଥାନୀୟ ଭିଲେଜ୍ ଭେନ୍ୟୁ ମଣ୍ଡପରେ ଆୟୋଜିତ ହୋଇଯାଇଛି। ପ୍ରିନ୍ସ ଶିକ୍ଷା ସମୂହର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଏସ୍‌ସିବି ମେଡିକାଲ କଲେଜ୍, ଅସ୍ତ୍ରୋପଚାର ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ.ଜ୍ୟୋତିର୍ମୟ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ପୁଲିସ ଅଧୀକ୍ଷକ ସନ୍ତୋଷ ନାୟକ ଯୋଗଦେଇଥିଲେ। ଏହି ଅବସରରେ ପ୍ରିନ୍ସ ଶିକ୍ଷା ସମୂହର ଅଧ୍ୟକ୍ଷା ଜ୍ୟୋତିପୁଷ୍ପା ଦାସ, ପ୍ରିନ୍ସ କଲେଜ୍ ବାଲେଶ୍ୱର ଅଧ୍ୟକ୍ଷା ସୁଶ୍ରୀ ବବିତା ବେହେରା ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ଓଡ଼ିଆ ଅଧ୍ୟାପକ ପରମେଶ୍ୱର ଦେ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ପ୍ରିନ୍ସର କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୁଭ୍ରସମ୍ବିତ୍ ଏବିଭିପି ରାଜ୍ୟ ସହ ସମ୍ପାଦକ



**ବାଲେଶ୍ୱର, ୨୭।୧୨(ସମିସ):** ଦିଲ୍ଲୀରେ ଦୀର୍ଘ ଚାରି ଦିନ ଧରି ଚାଲିଥିବା ଏବିଭିପିର ୬୯ତମ ରାଷ୍ଟ୍ରୀୟ ଅଧିବେଶନ ଅନୁଷ୍ଠିତ ହେଇଥିଲା। ଏହି ଅଧିବେଶନ ଓଡ଼ିଶା ପ୍ରାନ୍ତର ୪୮ତମ ରାଜ୍ୟ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବର୍ଷ ୨୦୨୩-୨୪ର ନୂତନ ଦାୟିତ୍ୱ ଘୋଷଣା କରାଯାଇଥିଲା। ନୂତନ ରୂପେ ରାଜ୍ୟ ସହ ସମ୍ପାଦକ ଭାବେ ଶୁଭ୍ରସମ୍ବିତ ନାୟକ ମନୋନୀତ ହୋଇଛନ୍ତି। ସେହିପରି ସଙ୍ଗୀତା ରଥ ଏବଂ ସତ୍ୟ ପ୍ରକାଶ ଦଳେଇ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି। ଅଧିବେଶନର ସାଂଗଠନିକ ସୂତ୍ରରୁ ପ୍ରେରଣା ନେଇ ଆଗାମୀ ଦିନରେ ସଂଗଠନକୁ ଆହୁରି ମଜବୁତ୍ କରିବା ସହିତ ସମାଜ ତଥା ରାଷ୍ଟ୍ର ହିତରେ ସଂଗଠନ ଆହୁରି କାମ କରିବ ବୋଲି ଜିଲ୍ଲା ପ୍ରମୁଖ ପ୍ରତ୍ୟୁଷ ବେହେରା, ବିଭାଗ ସଂଯୋଜକ ରଜତ ପାତ୍ର ମତ ଦେଇଛନ୍ତି। ବିଭାଗ ସଂଗଠନ ମନ୍ତ୍ରୀ ସମ୍ବିତ ପ୍ରସାଦ ରାଉତ ନୂତନ ଦାୟିତ୍ୱ ପାଇଥିବା କାର୍ଯ୍ୟକର୍ତ୍ତା ଓ ଜିଲ୍ଲା ସମିତିର ମିଳିତ ପ୍ରୟାସରେ ସଂଗଠନ ନିଶ୍ଚୟ ପ୍ରଭାବି ହେବ ବୋଲି କହିଛନ୍ତି।

## ନିଶା ନିବାରଣ ଶିବିର ଆୟୋଜିତ



**ବାଲେଶ୍ୱର, ୨୭ ।୧୨(ସମିସ):** 'ନୂଆ-ଓ' ଆନୁକୂଲ୍ୟରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସମାଜ କଲ୍ୟାଣ ସଂସ୍ଥା ପକ୍ଷରୁ କେଶରପୁର ଗ୍ରାମରେ ନିଶା ନିବାରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ନୋଡାଲ ଅଫିସର ଡ. ବିଜୟ ଦେ ଶତାଧିକ ଛାତ୍ର ସ୍ୱେଚ୍ଛାସେବୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରିଥିଲେ। ଆରମ୍ଭରେ ଡ. ଦେ ଓ ଡ. ମିନତୀ ସେଠୀ ନିଶା ସେବନର ଭୟାବହର ପରିଣତି ଉପରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ପରେ ସ୍ୱେଚ୍ଛାସେବୀ ଶ୍ରୁତିଦୀପ୍ତା, ସୌମ୍ୟା, ଶ୍ରୁତି, କାଜଲ, ପୂଜା ଆଦି 'ପେଟେଣ୍ଟ ମେଡିସିନ' ନାଟକ ପରିବେଷଣ କରିଥିଲେ। ଏହା ଛଡା ପ୍ରୋଜେକ୍ଟର ମାଧ୍ୟମରେ ତିନୋଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ଶିବିରକୁ ଅଧ୍ୟାପକ ରଞ୍ଜନ ସାହୁ, ବିଭୁଦତ୍ତ ବେହେରା, ପୂର୍ଣ୍ଣପ୍ରଭା ମନ୍ତ୍ରୀ ପ୍ରମୁଖ ପରିଚାଳନା କରିଥିଲେ

### ଜିଲ୍ଲା ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶକୁ ଫୁଟ

# ଝିଅକୁ ଉଦ୍ଧାର କରି ବାପାଙ୍କୁ ଦେଉନାହାନ୍ତି ଡିସିପିଓ

**ବାଲେଶ୍ୱର, ୨୭।୧୨(ସମିସ):**

ବାପା ଓ ମା'ର ମନମାଳିନ୍ୟ ହେବା ଯୋଗୁଁ ନାବାଳିକା ଝିଅକୁ ନେଇ ମା' ତାଙ୍କ ବାପା ଘରେ ରହୁଥିଲା ବେଳେ ବାପା ଝିଅକୁ ନିଜ ପାଖକୁ ଆଣିବା ପାଇଁ ଡିସିଡବ୍ଲୁସିରେ ନିବେଦନ କରିଥିଲେ। ଡିସିଡବ୍ଲୁସି ତଦନ୍ତ କରିବା ପରେ ଝିଅକୁ ଉଦ୍ଧାର କରି ତା ବାପାଙ୍କୁ ଦେବା ପାଇଁ ଡିସିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।ମାତ୍ର ଡିସିପିଓ ଝିଅକୁ ଉଦ୍ଧାର କରି ଦେବା ତ ଦୂରର କଥା, ବାପା ସହିତ ଝିଅକୁ ସାକ୍ଷାତ କରିବା ପାଇଁ ଦେଉ ନ ଥିବା ଅଭିଯୋଗ ହେଉଛି। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଗୋବର୍ଦ୍ଧନପୁର ଗ୍ରାମର ସୁରେନ୍ଦ୍ର ସେଠୀଙ୍କ ସହିତ ତାଙ୍କ ପତ୍ନୀ ମମତା ସେଠୀଙ୍କର ମନମାଳିନ୍ୟ ହେବା ଯୋଗୁଁ ଗତ ୨୦୨୦ମସିହାରେ ମମତା ନିଜ ନାବାଳିକା ଝିଅକୁ ନେଇ ବାପଘରକୁ ପଳାଇ ଆସିଥିଲେ। ପରେ ଉଭୟ ମା ଓ ଝିଅଙ୍କୁ ନିଜ ଘରକୁ ଫେରାଇ ଆଣିବା ପାଇଁ ସୁରେନ୍ଦ୍ର ତରଫରୁ ଉଦ୍ୟମ କରି ବିଫଳ ହୋଇଥିଲେ। ସୁରେନ୍ଦ୍ର ଜାଣିବାକୁ ପାଇଥିଲେ, ତାଙ୍କ ଝିଅର ଆଧାରକାର୍ଡରେ ଓ ସେ ପଢୁଥିବା ବିଦ୍ୟାଳୟରେ ଝିଅର ବାପାଙ୍କ ନାମ ଜାଗାରେ ସୁରେନ୍ଦ୍ରଙ୍କ ନାମ ପରିବର୍ତ୍ତେ ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମ ରହିଛି। ଏହା ଜାଣିବା ପରେ ସୁରେନ୍ଦ୍ର ନିଜର ନାବାଳିକା ଝିଅକୁ ତାଙ୍କୁ ଫେରାଇ ଦେବା ପାଇଁ ବାଲେଶ୍ୱର ଡିସିଡବ୍ଲୁସି (ଜିଲ୍ଲା ଶିଶୁ ମଙ୍ଗଳ କମିଟି) ରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ମୂଳେ ଡିସିଡବ୍ଲୁସି ପକ୍ଷରୁ ମମତାଙ୍କର ବାପା ଘରକୁ ଯାଇ ତଦନ୍ତ କରି ତଦନ୍ତ ରିପୋର୍ଟ ପ୍ରଦାନ କରିବା ଲାଗି ଡିସିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିସିପିଓଙ୍କ ପକ୍ଷରୁ ମମତାଙ୍କ ବାପା ଘରକୁ ଯାଇ ତଦନ୍ତ କରି, ତଦନ୍ତ ରିପୋର୍ଟ ଡିସିଡବ୍ଲୁସିରେ ଦାଖଲ କରିଥିଲେ। ପରେ ପୁଣି ଡିସିଡବ୍ଲୁସିର ଅର୍ଡର ମୂଳେ ତହସିଲଦାରଙ୍କ ନିର୍ଦ୍ଦେଶରେ ଆରଆଇ ସୁରେନ୍ଦ୍ରଙ୍କ ଘରକୁ ଯାଇ ତାଙ୍କର ଆର୍ଥିକ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଝିଅକୁ ପ୍ରତିପୋଷଣ କରିବା ପାଇଁ ସୁରେନ୍ଦ୍ର ସକ୍ଷମ ଥିବାରୁ ତହସିଲଦାର ଡିସିଡବ୍ଲୁସିଙ୍କୁ ରିପୋର୍ଟ ଦେଇଥିଲେ। ଏହି ସମସ୍ତ ରିପୋର୍ଟ ମୂଳେ ଡିସିଡବ୍ଲୁସି ନାବାଳିକାକୁ ତା ମା' ପାଖରୁ ଆଣି ବାପା ସୁରେନ୍ଦ୍ରଙ୍କୁ ଦେବା ପାଇଁ ଡିସିପିଓ (ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ମା ମମତା ଡିସିଡବ୍ଲୁସିଙ୍କ ଏହି ନିର୍ଦ୍ଦେଶ ବିରୋଧରେ ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ହାଇକୋର୍ଟ ଡିସିଡବ୍ଲୁସିଙ୍କ ନିର୍ଦ୍ଦେଶ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଷ୍ଟେ ଅର୍ଡର ଜାରି କରିଥିଲେ। ହେଲେ ସୁରେନ୍ଦ୍ର ଏହି ଷ୍ଟେ ଅର୍ଡର ବିରୋଧରେ ପୁଣି କାଉଣ୍ଟର ପିଟିସନ ହାଇକୋର୍ଟରେ ଦାଖଲ କରିଥିଲେ। ହାଇକୋର୍ଟଙ୍କ ପକ୍ଷରୁ ସୁରେନ୍ଦ୍ରଙ୍କ ଅଭିଯୋଗ ମୂଳେ ପୂର୍ବର ଥିବା ଷ୍ଟେ ଅର୍ଡରକୁ ସ୍ୱାସ ବା ଭେକଣ୍ଟ କରିବା ପୂର୍ବକ ଜିଲ୍ଲା ଶିଶୁ ଅଦାଲତରେ ଅଭିଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମମତାଙ୍କ ତରଫରୁ ମଧ୍ୟ ଝିଅକୁ ନିଜ ପାଖରେ ରଖିବା ପାଇଁ ଜିଲ୍ଲା ଶିଶୁ ଅଦାଲତର ଆଶ୍ରୟ ନେଇଛନ୍ତି। ଏହି ମାମଲା ବର୍ତ୍ତମାନ ଜିଲ୍ଲା ଶିଶୁ ଅଦାଲତରେ ବିଚାରାଧୀନ ରହିଛି। ଅପରପକ୍ଷରେ ହାଇକୋର୍ଟରେ ଷ୍ଟେ ଅର୍ଡର ଉଠିଯିବା ପରେ ଡିସିଡବ୍ଲୁସି ଅର୍ଡର କାଏମ ରହିଛି। ତେଣୁ ଝିଅକୁ ତା ମା'ପାଖରୁ ଉଦ୍ଧାର କରି ଆଣିଦେବା ଲାଗି ସୁରେନ୍ଦ୍ରଙ୍କ ତରଫରୁ ଜିଲ୍ଲାପାଳଙ୍କ ଠାରେ ବାରମ୍ବାର ନିବେଦନ କରାଯାଇଥିଲେ ବି, ତାଙ୍କ ଝିଅ ଅଞ୍ଜନାକୁ ତା' ମା ପାଖରୁ ଡିସିପିଓ ଉଦ୍ଧାର କରି ଦେଉନାହାନ୍ତି ବୋଲି ସୁରେନ୍ଦ୍ର ଅଭିଯୋଗ କରିଛନ୍ତି। ଏ ବାବଦରେ ସୁରେନ୍ଦ୍ରଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରେ ବାରମ୍ବାର ନିବେଦନ କରାଯାଉଥିଲେ ବି, ଫଳ ଶୂନ। ମାତ୍ର ଏହି ମାମଲାରେ ଡିସିପିଓ ମନସ୍ୱିନୀ ରାଉତ କହିଛନ୍ତି, ହାଇକୋର୍ଟ ଷ୍ଟେ ଅର୍ଡର ସ୍ୱାସ କରିଥିଲେ ବି, ଝିଅକୁ ନିଜ ପାଖରେ ରଖିବା ପାଇଁ ମା' ମମତାଙ୍କ ତରଫରୁ ଶିଶୁ ଅଦାଲତରେ ଆଶ୍ରୟ ନେଇଛନ୍ତି। ବର୍ତ୍ତମାନ ଶିଶୁ ଅଦାଲତରେ ମମତାଙ୍କ ଅଭିଯୋଗମୂଳେ ମାମଲା ବିଚାରାଧୀନ ରହିଛି। ଯଦି ଶିଶୁ ଅଦାଲତ ଝିଅକୁ ତା ବାପା ପାଖରେ ରଖିବା ପାଇଁ ନିର୍ଦ୍ଦେଶ ଦେବେ, ତା'ହେଲେ ନିଶ୍ଚିତ ଝିଅକୁ ଉଦ୍ଧାର କରି ତାଙ୍କ ବାପାଙ୍କ ଜିମା ଦିଆଯିବ। ତେବେ ଏହି ମାମଲାରେ ହାଇକୋର୍ଟଙ୍କ ଷ୍ଟେ ଅର୍ଡର ଭ୍ୟାକେଣ୍ଟ ହେବା ପରେ ଡିସିଡବ୍ଲୁସି ଅର୍ଡର ବର୍ତ୍ତମାନ କାଏମ ରହିଛି। ଡିସିଡବ୍ଲୁସିଙ୍କ ଅର୍ଡର ଅନୁସାରେ ଝିଅକୁ ମା' ପାଖରୁ ଆଣି ବାପାଙ୍କୁ ଦେବାକଥା। ହେଲେ ଡିସିପିଓ ତାହା କରିବା ପରିବର୍ତ୍ତେ ବିଭିନ୍ନ ପ୍ରକାର ବାହାନା କରି ସୁରେନ୍ଦ୍ରଙ୍କୁ ତା ଝିଅ ସହିତ ଦେଖା କରିବାକୁ ଦେଉ ନ ଥିବାର ସେ ଅଭିଯୋଗ କରିଛନ୍ତି।

**ଝିଅକୁ ଫେରି ପାଇବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ବାପାର ଆକୁଳ ନିବେଦନ**

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଗ୍ରାମବାସୀ

**ନୀଳଗିରି,୨୭।୧୨(ସମିସ):** ଦୀର୍ଘଦିନର ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଗ୍ରାମବାସୀ। ନୀଳଗିରି ବ୍ଲକ କେସିପୁର ପଞ୍ଚାୟତ ରାଉଡ଼ଦିଆ ଗ୍ରାମର ଖୁଦୁପୁଟୁଳି ଠାକୁରାଣୀ ଉନ୍ନତିକରଣ ପାଇଁ ଗ୍ରାମବାସୀମାନେ ଦାବି କରି ଆସୁଥିଲେ। ଏହି ଗ୍ରାମର ଗ୍ରାମବାସୀମାନେ ଜିଲ୍ଲା ବରିଷ୍ଠ ଉପସଭାପତି ସନ୍ତୋଷ ଖଟୁଆଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ମନ୍ଦିରର ଉନ୍ନତିକରଣ ପାଇଁ ଦାବି ଜଣାଇଥିଲେ। ଏହି ମନ୍ଦିର ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୪ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ଆଜି ଏହି ପ୍ରକଳ୍ପକୁ ନୀଳଗିରି ନିର୍ବାଚନ ମଣ୍ଡଳୀ ବିଜେଡି ନେତା ଶ୍ରୀ ଖଟୁଆ ଓ ସରପଞ୍ଚ ବାସନ୍ତୀ ହେମ୍ବ୍ରମ, ସମିତିସଭ୍ୟା ସୁକାନ୍ତି ବିଶ୍ୱାଳ, ୱାର୍ଡ ସଭ୍ୟା ସରସ୍ୱତୀ ସିଂ ପ୍ରମୁଖ ଉପସ୍ଥିତ ରହି ଫିତାକାଟି ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

## ଘରେ କଳାକନା ବୁଲାଇଲେ ଚୋର

**ସୋର,୨୭।୧୨(ସମିସ):** ସୋର ବ୍ଲକ ମାଣିପୁର ପଞ୍ଚାୟତ ବାଘୁଆ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଘରେ କେହି ନ ଥିବା ବେଳେ ଚୋରମାନେ ଘରର ତାଲା ଭାଙ୍ଗି ଘରୁ କଳାକନା ବୁଲାଇ ଦେଇଛନ୍ତି। ଏହି ଗ୍ରାମର ବସନ୍ତ କୁମାର ଦାସଙ୍କ ଘରେ କେହି ନ ଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଚୋରମାନେ ଘରର ଚାବିଭାଙ୍ଗି ଘରେ ପଶି ଘରେ ଥିବା ଦୁଇଟି ଗଡ଼ରେଜର ଚାବି, ଡ୍ରେସିଂ ଟେବୁଲ, ବାକ୍ସ ଏବଂ ଆଟାଚି ଚାବି ଭାଙ୍ଗି ନଗଦ ୧୫ ହଜାର ଟଙ୍କା, ଦୁଇ ଭରି ଓଜନର ଏକ ସୁନା ଚେନ, ଏକ ଭରି ଓଜନର ଦୁଇଟି ସୁନା ମୁଦି ଚୋରି କରି ନେଇଯାଇଛନ୍ତି। ଆଜି ସକାଳେ ତାଙ୍କ ପରିବାର ଲୋକେ ଘରେ ପହଞ୍ଚିବା ପରେ ଏହା ଜାଣିପାରି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ପୂର୍ବାହ୍ନରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ବାବଦରେ ବସନ୍ତ ସୋର ଥାନାରେ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଯୁବକଙ୍କ ଆତ୍ମହତ୍ୟା

**ଜଳେଶ୍ୱର,୨୭।୧୨(ସମିସ):** ଜଳେଶ୍ୱର ସହର ବଡ଼ବଜାର ନିବାସୀ ସ୍ୱର୍ଗତ ଖୁଦିରାମ ମହାପାତ୍ରଙ୍କ ଏକମାତ୍ର ପୁଅ ରଣଜିତ୍ ଓରଫ ବାପି (୩୯) ଙ୍କର ଝୁଲନ୍ତା ମୃତଦେହ ତାଙ୍କ ଘରୁ ଉଦ୍ଧାର କରାଯାଇଛି। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ୍ୟୁର କାରଣ ଖୋଜୁଛି। ମୃତ ବାପିର ମାଆ, ସ୍ତ୍ରୀ ଓ ପୁଅ ଉକ୍ତ ଘଟଣାକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ପଡ଼ିଛନ୍ତି। ଉକ୍ତ ଖବରକୁ ନେଇ ବଡ଼ବଜାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପାଗଳା କୁକୁର କାମୁଡ଼ାରେ ୫ ଆହତ

**ନାମ୍ପୋ,୨୭।୧୨(ସମିସ):** ଜଳେଶ୍ୱର ବ୍ଲକ ଡେମୁରିଆ, ବାଗପୁଞ୍ଜି, ବଡମନ୍ଦାରୁଣୀ ଅଞ୍ଚଳରେ ପାଗଳା କୁକୁର କାମୁଡ଼ାରେ ୫ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ସମ୍ପତିଆ ପଞ୍ଚାୟତ ସହିତ ଭୋଗରାଇ ବ୍ଲକର ନହରା ପଞ୍ଚାୟତରେ ଗୋଟିଏ ପାଗଳା କୁକୁର ଆତଙ୍କ ଖେଳାଇଥିବା ବେଳେ। ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ତେବେ ଆଜି ଅପରାହ୍ନ ସମୟରେ ଉକ୍ତ ଅଞ୍ଚଳରେ ପାଞ୍ଚଜଣ ଲୋକଙ୍କୁ କୁକୁର କାମୁଡ଼ିଥିବା ବେଳେ, ସମସ୍ତ ଆହତଙ୍କୁ ଜଳେଶ୍ୱର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହାତ ସମସ୍ତେ ହେଲେ ଡେମୁରିଆ, ବାଗପୁଞ୍ଜି, ବଡମନ୍ଦାରୁଣି ଗ୍ରାମର। ଜଣେ ଛୋଟ ପିଲା ୨ ମହିଳା ଓ ଦୁଇ ପୁରୁଷ ଆହାତ ହୋଇଛନ୍ତି।

## ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି ବୈଠକ

**ବାଲେଶ୍ୱର,୨୭ ।୧୨(ସମିସ):** ରାଜ୍ୟ ଆଇନଜୀବି ସମ୍ମିଳନୀ ସଂଘର ୫୨ତମ ବାର୍ଷିକ ଉତ୍ସବ ଚଳିତ ମାସ ୨୯ ଓ ୩୦ ତାରିଖରେ ବାରିପଦା ସ୍ଥିତ ସହୀଦ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହେବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୯ ତାରିଖ ସକାଳେ ଏହି ସମ୍ମିଳନୀକୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଅନ୍ୟ ବିଚାରପତିମାନେ ଯୋଗଦେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ସେହିପରି ୩୦ ତାରିଖରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି କାର୍ଯ୍ୟକ୍ରମରେ ଯୋଗଦେବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଏଣୁ ଉକ୍ତ ସମ୍ମିଳନୀରେ ଆଇନଜୀବୀମାନଙ୍କୁ ଯୋଗଦାନ କରିବାକୁ ରାଜ୍ୟ ସଂଘର ସଭାପତି ତଥା ଆଇନଜିବୀ ସୁଧାଂଶୁ ଶେଖର ଦାସ ଅନୁରୋଧ କରିଛନ୍ତି।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ବାଲେଶ୍ୱର,୨୭ ।୧୨(ସମିସ)**




ଖେଳରେ ମେଳ ହୁଏ ଏବଂ ବିଶ୍ୱଭ୍ରାତୃତ୍ୱ ଭାବ ସୃଷ୍ଟି କରିବା ପାଇଁ କ୍ରୀଡ଼ା ଏକ ବଳିଷ୍ଠ ମାଧ୍ୟମ ବୋଲି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଆଜି ସ୍ଥାନୀୟ ପରମିଟ ପଡ଼ିଆଠାରେ ଆଜିଠାରୁ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବର

**୧୨ଟି ବ୍ଲକରୁ ୧୮ ଶହରୁ ଅଧିକ ଛାତ୍ରଛାତ୍ରୀଙ୍କ ଯୋଗଦାନ**

ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା କ୍ରୀଡ଼ା ବିଭାଗ ଆୟୋଜନରେ ଅନୁଷ୍ଠିତ ଏହି ସମାରୋହରେ ସଭାପତିତ୍ୱ କରି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କ୍ରୀଡାର ଏହି ଜିଲ୍ଲାସ୍ତରୀୟ ମହାକୁମ୍ଭରେ ଶୃଙ୍ଖଳିତ ଭାବେ ପ୍ରତିଯୋଗିତା କରି ଉଚିତ ସମୟରେ ଏହାର ସମାପନ କରିବାକୁ ପ୍ରବର୍ତ୍ତାଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ନୂଆ-ଓ କାର୍ଯ୍ୟସୂଚୀ ଅଧିନସ୍ଥ ଏହି କ୍ରୀଡ଼ା ଉତ୍ସବର ୪ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ପରମିଟ ପଡ଼ିଆ ଓ କ୍ରୀଡ଼ା ଛାତ୍ରାବାସ ପଡ଼ିଆରେ ହକି, ଫୁଟବଲ, ଭଲିବଲ, ଖୋ-ଖୋ, କବାଡି, କ୍ରିକେଟ ଆଦି ୬ଟି ବିଭାଗରେ ଉଭୟ ବାଳକ ଓ ବାଳିକାଙ୍କୁ ନେଇ ପ୍ରତିଯୋଗିତାମାନ ଆରମ୍ଭ ହୋଇଛି। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନେ ରାଜ୍ୟସ୍ତରରେ ଭାଗନେବା ପାଇଁ ଯୋଗ୍ୟତା ଅର୍ଜନ କରିବେ। ବିଶେଷ କରି ଜିଲ୍ଲାର ୧୨ଟି ବ୍ଲକ, ୩ଟି ପୌରପାଳିକା ଓ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦସ୍ତରରେ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରାୟ ୧୮ ଶହରୁ ଅଧିକ କୃତି ପ୍ରତିଯୋଗୀ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେଉଛନ୍ତି। ପରେ ପୁରସ୍କାର ବିତରଣୀ ଓ ଉଦଯାପନୀ ଉତ୍ସବ ଆସନ୍ତା ଜାନୁଆରୀ ୬ତାରିଖରେ ସ୍ଥାନୀୟ ପୁଲିସ ଲାଇନ ପଡ଼ିଆରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି ଏବଂ ପୁରସ୍କାର ବାବଦକୁ ବିଜେତା ଦଳଙ୍କୁ ୫୦ହଜାର ଟଙ୍କା, ପ୍ରଥମ ଉପବିଜେତାଙ୍କୁ ୩୦ହଜାର ଟଙ୍କା ଏବଂ ଦ୍ୱିତୀୟ ଓ ତୃତୀୟ ଉପବିଜେତାଙ୍କୁ ୨୦ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯିବ। ଏଥିରେ ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଓଡ଼ିଶାର କ୍ରୀଡ଼ା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ରୋତ୍ସାହନ ଓ ତତଜନିତ କ୍ରୀଡାର ଉତଥାନ ଉପରେ ଆଲୋଚନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର ଯୋଗଦେଇ ନିଜର ମତ ରଖିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଏହି ଅବସରରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ମଞ୍ଚ ପରିଚାଳନା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମନ୍ତ୍ରୀ ଶ୍ରୀ ପାତ୍ର, ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଏବଂ ବିଧାୟକ ଶ୍ରୀ ଦାସ କ୍ରିକେଟ ବ୍ୟାଟିଂ କରି ପ୍ରତିଯୋଗିତାର ଆନୁଷ୍ଠାନିକ ଉଦଘାଟନ କରିଥିଲେ। ନୃତ୍ୟଗୀତର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଆଜି ପରମିଟ ପଡ଼ିଆଠାରେ ଖୋ-ଖୋ ଓ କବାଡି ଏବଂ କ୍ରୀଡ଼ା ଛାତ୍ରାବାସ ଠାରେ ହକି ଓ ଭଲିବଲର ପ୍ରାଥମିକସ୍ତରର ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା।

## ମୀରାମ୍ବିକା ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲେଶ୍ୱର,୨୭ ।୧୨(ସମିସ)**

ସ୍ଥାନୀୟ ମଠସାହି ନିକଟସ୍ଥ ମୀରାମ୍ବିକା ଆବାସିକ ବିଦ୍ୟାଳୟରେ ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୀରାମ୍ବିକା ଆବାସିକ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ପୃଷ୍ଠପୋଷକ କବି ନିରଞ୍ଜନ ଖୁଣ୍ଟିଆଙ୍କ ପୌରହିତ୍ୟରେ ଅନୁଷ୍ଠିତ ତୃତୀୟ ବାର୍ଷିକ ଉତ୍ସବରେ ଉଦଘାଟକ ତଥା ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ଼ ହରେକୃଷ୍ଣ ଶତପଥୀ, ମୁଖ୍ୟବକ୍ତା ଭାବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ପ୍ରମୁଖ ପ୍ରଫେସର ଡ. ଦେବାଶିଷ ପାତ୍ର, ସମ୍ମାନିତ ବକ୍ତା ଭାବେ ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସନ୍ତୋଷ ସିଂହ, ବହିଘର ଓ ବିଦ୍ୟାଭାରତୀ ପ୍ରକାଶନର ପ୍ରକାଶକ ତଥା କବି ଇଂ ଅଭୟ ଦାସ, ଗୋପାଳଚନ୍ଦ୍ର ବେଦବିଦ୍ୟାଳୟ ଓ ଅଖିଳ ଭାରତ ସେବା ପ୍ରତିଷ୍ଠାନର ଅଧ୍ୟକ୍ଷ ଡ.କୁମାର ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଅଧ୍ୟାପକ ଡ.ପ୍ରଦୀପ୍ତ ମିଶ୍ର ସଭା ପରିଚାଳନା କରିଥିଲେ। ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଶେଖର ପରିଡ଼ା ଧନ୍ୟବାଦ ଦେଇଥିଲେ। ପରେ ଦ୍ୱିତୀୟ ଅଧିବେଶନ ଓ ପୁରସ୍କାର ବିତରଣୀ ଉତ୍ସବରେ ବିଦ୍ୟାଳୟର ଉପଦେଷ୍ଟା ଶଶିକାନ୍ତ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି କବି କାଳିପଦ ପଣ୍ଡା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମୟର ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ସିଆରସିସି ସଂଗୀତା ରଥ, ପ୍ରକୃତି ବନ୍ଧୁ ସୁମନ୍ତ ଜେନା, ନିର୍ଦ୍ଦେଶିକା ବହିଘର ମଞ୍ଜୁବାଳା ଦାସ, ଜଗଦୀଶ ମିଶ୍ର ଯୋଗଦେଇଥିଲେ।

## ବୃତ୍ତି ପରୀକ୍ଷାରେ ଦିବ୍ୟମଙ୍କ ସଫଳତା



ବାଲିଆପାଳ,୨୭।୧୨(ସମିସ): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧୀନସ୍ଥ ଖପରାପଦା ସ୍ଥିତ ପିତା ଅରୁଣ ସାହୁ ଓ ମାତା ସ୍ୱାତୀ ସୁଚରିତା ସାହୁଙ୍କର ଏକମାତ୍ର ପୁତ୍ର ଦିବ୍ୟମ୍ ସାହୁ ଚଳିତ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବାଲିଆପାଳ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଶ୍ରୀ ସାହୁ ବର୍ତ୍ତମାନ ଶ୍ରୀରାମପୁର ଶଙ୍କରନାଥ ନୋଡାଲ ଉପ୍ରା ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଏଥିପାଇଁ ତାଙ୍କ ପିତାମାତା, ଟ୍ୟୁସନ ଶିକ୍ଷକ, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଜାଆଇ ପ୍ରମୁଖଙ୍କୁ ସେ ଶ୍ରେୟ ଦେଇଛନ୍ତି।

## ଆଇଆଇଟି ଯୁବ ଇଞ୍ଜିନିୟରଙ୍କୁ ସମ୍ବର୍ଦ୍ଧନା

**ରାଜଘାଟ,୨୭ ।୧୨(ସମିସ):** ବସ୍ତା ବ୍ଲକ ଅନ୍ତର୍ଗତ ଭେଲୋରା ହାଟ ପଡିଆରେ ୟଙ୍ଗଷ୍ଟାର କ୍ଲବ ଆନୁକୂଲ୍ୟରେ ଦିଲ୍ଲୀ ଆଇଆଇଟିର ଯୁବ ଇଞ୍ଜିନିୟର ଡ. ରବିନ୍ଦ୍ର କୁମାର ମହାନ୍ତିଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ନିର୍ମଳ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅମର୍ଦ୍ଦାରୋଡ ସିଦ୍ଧେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ବଟକୃଷ୍ଣ ସାନ୍ତରା ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଓଷ୍ଟାର ପୂର୍ବତନ ସମ୍ପାଦକ ଇନ୍ଦୁମାଧବ ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଅରବିନ୍ଦ ଦାସ ମହାପାତ୍ର, ଅନନ୍ତ ଦାସ, ରାଜେନ୍ଦ୍ର ଦତ୍ତ, ଅଞ୍ଜନ ଦାସ ମହାପାତ୍ର, ସମାଜସେବୀ ସଞ୍ଜିବ ସାହୁ ପ୍ରମୁଖ ଯୋଗଦେଇ ମାନପତ୍ର ଏବଂ ଉତ୍ତରୀୟ ଦେଇ ଡ. ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାକୁ ଚନ୍ଦନ ଦାସ ପରିଚାଳନା କରିଥିବା ବେଳେ ଗୌରୀ ଶଙ୍କର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରକାଶ ଥାଉକି, ପିତା ବ୍ରଜମୋହନ ମହାନ୍ତି ଓ ମାତା ଅନ୍ନପୂର୍ଣ୍ଣା ମହାନ୍ତିଙ୍କ ପୁଅ ଡା. ରବୀନ୍ଦ୍ର ମହାନ୍ତି ବୁର୍ଲା ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ କଲେଜରୁ ବିଟେକ ପାସ୍ କରି ଖଡଗପୁର ଆଇଆଇଟି କଲେଜରୁ ପୋଷ୍ଟ ଇଲେକ୍ଟ୍ରିକାଲ ପାୱାର ଆଣ୍ଡ ଏନର୍ଜି ସିଷ୍ଟମରେ ଏମଟେକ୍ ଓ ପିଏଚଡି ହାସଲ କରି ଦିଲ୍ଲୀ ଆଇଆଇଟିର ଡିପାର୍ଟମେଣ୍ଟ ଅଫ ଏନର୍ଜି ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ଏବେ କାର୍ଯ୍ୟରତ ଅଛନ୍ତି।



# ବିଭିନ୍ନ ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

**ସୋର,୨୭।୧୨(ସମିସ)**



ସୋର ବ୍ଲକ ନଦୀଗାଁ, ଗୋପୀନାଥପୁର ଏବଂ ସାଜନପୁର ସେବା ସମବାୟ ସମିତିରେ ସରକାରୀ ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ରରେ ମୁଖ୍ୟଅତିଥି ଭାବେ ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ଉଦଘାଟନ କରି ଚାଷୀମାନେ କିଭଳି ସୁବିଧାରେ ଧାନ ବିକ୍ରୟ କରିପାରିବେ ସେ ସଂପର୍କରେ ସୂଚନା ଦେଇଥିଲେ। ନଦୀଗାଁ ସମବାୟ ସମିତିର ସଭାପତି କରୁଣାକର ଖୁଣ୍ଟିଆ, ଜିଲ୍ଲାପରିଷଦ ସଦସ୍ୟ ଜୟନ୍ତ ସ୍ୱାଇଁ, ସମ୍ପାଦକ ପ୍ରିୟକାନ୍ତ ଦାସ, କର୍ମଚାରୀ ତପନ ସେଠୀ, ସୁନୀଲ ମଲ୍ଲିକ, ମୀନାକ୍ଷୀ ରାଉତ ଏବଂ ପରିଚାଳନା ପରିଷଦ ଓ ଚାଷୀ କମିଟିର ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ। ପରେ ଗୋପୀନାଥପୁର ସେବା ସମବାୟ ସମିତିର ସରକାରୀ ଧାନମଣ୍ଡିକୁ ବିଧାୟକ ଶ୍ରୀ ଧଡ଼ା ଉଦ୍‌ଘାଟନ କରିଥିଲେ। ଏଥିରେ ସଭାପତି ଅରୁଣ ନାୟକ, ସଂପାଦକ ସୁବ୍ରତ ଦାସ, ସମିତି କର୍ମଚାରୀ ଏବଂ ପରିଚାଳନା ପରିଷଦ ଓ ଚାଷୀ କମିଟିର ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୬ ଜଣ ଏବଂ ନଦୀଗାଁରେ ଜଣେ ଚାଷୀଙ୍କଠାରୁ ୩୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ସେହିପରି ସାଜନପୁର ସେବା ସମବାୟ ସମିତିରେ ଧାନମଣ୍ଡିକୁ ବିଧାୟକ ଶ୍ରୀ ଧଡ଼ା ଉଦଘାଟନ କରିଥିଲେ। ଏହି ସମୟରେ ସମିତି ସଭାପତି ରାଜେନ୍ଦ୍ର ଦାଶ, ସଂପାଦକ ମଧୁସୂଦନ ବାରିକ, କର୍ମଚାରୀ ପ୍ରଫୁଲ ସାହୁ, ବରେନ୍ଦ୍ର ପରିଡ଼ା, ସୁନୀଲ ବାରିକ, ପରିଚାଳନା ପରିଷଦ ଓ ଚାଷୀ କମିଟିର ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଏଥିରେ ଚାଷୀ ପର୍ଶୁରାମ ବିଶ୍ୱାଳ ୧୬ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ।

**ଖଇରା:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ମିର୍ଜାପୁର ଓ ଓସଙ୍ଗରେ ବୁଧବାର ଓ ସୋମବାର ଦିନ ବର୍ତ୍ତନା ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମିର୍ଜାପୁର ଓ ଓସଙ୍ଗ ସେବା ସମବାୟ ସମିତିରେ ଖୋଲାଯିବାକୁ ଥିବା ଧାନମଣ୍ଡିର ଶୁଭାରମ୍ଭ କରିଥିବା ବେଳେ ବର୍ତ୍ତନା ସେବା ସମବାୟ ସମିତିର ସଭାପତି ନିରଞ୍ଜନ ମହାପାତ୍ରଙ୍କ ଦ୍ୱାରା ଉକ୍ତ ମଣ୍ଡିରେ ପୂଜାର୍ଚ୍ଚନା ପୂର୍ବକ ଶୁଭାରମ୍ଭ କରାଯାଇଥିଲା। ମିର୍ଜାପୁର କାର୍ଯ୍ୟକ୍ରମରେ ସଭାପତି ସନ୍ତୋଷ ନାୟକ, ସମ୍ପାଦକ ଦେବାଶିଷ ପାଢୀ, ସୁଦାମ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ଓସଙ୍ଗ ଉତ୍ସବରେ ସଭାପତି ଜଗନ୍ନାଥ ଦାଶ, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁ, ଉପସଭାପତି ଉଷାରାଣୀ ଦାଶ, ବରଦା ପଞ୍ଚାୟତର ସରପଞ୍ଚ ପରୀକ୍ଷିତ ମହାପାତ୍ର, ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବର୍ତ୍ତନା ସେବା ସମବାୟ ସମିତି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସଭାପତି ପ୍ରତିମାରାଣୀ ରାୟ, ସମ୍ପାଦକ ଅକ୍ଷୟ ରାଉତ, ସଭ୍ୟ ରଘୁନାଥ ପଣ୍ଡା, ସଭ୍ୟା ନିଳିମା ପ୍ରିୟଦର୍ଶନୀ ସ୍ୱାଇଁ, ସନାତନ ସାହୁ, ସୁଧାକର ଦାସ, ଗଜେନ୍ଦ୍ର ମହାନ୍ତି, ସଞ୍ଜିବ ବେହେରା, ଗୌରୀ ମହାପାତ୍ର, ରତିକାନ୍ତ ସାହୁ, ଶରତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ରାଜଘାଟ:** ବସ୍ତା ବ୍ଲକ ନଟାକଟା ପଞ୍ଚାୟତ ଅନ୍ତର୍ଗତ ଅମର୍ଦ୍ଦାରୋଡ଼ ସମବାୟ ସମିତିରେ ଧାନ କ୍ରୟ ହେବା ନେଇ ବୁଧବାର ଆନୁଷ୍ଠାନିକ ଭାବେ ଧାନମଣ୍ଡିର ଶୁଭ ଉଦ୍‌ଘାଟନ ହୋଇଯାଇଛି। ସମ୍ପାଦକ ନିରଞ୍ଜନ ପାତ୍ରଙ୍କ ପୌରହିତ୍ୱରେ ଆୟୋଜିତ ଉତ୍ସବରେ ସେବା ସମବାୟ ସମିତିର ସଭାପତି ଦୀପକ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଧାନମଣ୍ଡିର ଶୁଭ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ ସମିତିର ଉପସଭାନେତ୍ରୀ ମଞ୍ଜୁବାଳା ପାତ୍ର, ଧାନ କ୍ରୟ କମିଟିର ସଦସ୍ୟ ମଦନମୋହନ ପାଳ, ବିଜୟ ବେହେରା, ଶମ୍ଭୁନାଥ ସେଠୀଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ସମବାୟ ସମିତିର କର୍ମଚାରୀ ଗୌରାଙ୍ଗ ପାତ୍ର, ନିଶିକାନ୍ତ ପରିଡ଼ା, ରବୀନ୍ଦ୍ର ଶୁର, ଶିରିଶ ଚନ୍ଦ୍ର ମହାପାତ୍ର, ଅଶ୍ରୁମୋଚନ ଦେ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ମଣ୍ଡି ଖୋଲିବା ଦ୍ୱାରା ୬୮୭ ଜଣ ପଞ୍ଜିକୃତ ଚାଷୀ ବିଶେଷ ଉପକୃତ ହୋଇପାରିବେ।

**ଦହମୁଣ୍ଡା:** ଭୋଗରାଇ ବ୍ଲକ ଅନ୍ତର୍ଗତ ଜୟରାମପୁର ଓ ଖରିଦପିପଳ ସେବା ସମବାୟ ସମିତିରେ ଆଜି ଧାନମଣ୍ଡି ଉଦଘାଟନ ହୋଇଯାଇଛି। ଜୟରାମପୁର ସେବା ସମବାୟ ସମିତିର ସଭାପତି ପଙ୍କଜାକ୍ଷ ପଣ୍ଡା ମଣ୍ଡିକୁ ଉଦଘାଟନ କରିଥିବା ବେଳେ ବୋର୍ଡ ସଦସ୍ୟ ରବୀନ୍ଦ୍ର ନାଥ ଘୋଷ, ଅଶୋକ ସାମଲ, ବିଦ୍ୟୁତ ସାମଲ, ସମିତି ସମ୍ପାଦକ ଓମ ପ୍ରକାଶ ଘୋଷ, ଶିବ ଶଙ୍କର ଦେ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଖରିଦପିପଳ ସମବାୟ ସମିତି ସଭାପତି କେଶବଚନ୍ଦ୍ର ପାଳ ଧାନମଣ୍ଡିକୁ ଉଦଘାଟନ କରିଥିଲେ। ସମିତିର ଭାରପ୍ରାପ୍ତ ସମ୍ପାଦକ ସତ୍ୟ ଗୋପାଳ ସାମଲ, ଜଳେଶ୍ୱର ଆରଏମସି କର୍ମଚାରୀ ଲକ୍ଷ୍ମୀକାନ୍ତ ଗିରି, ନାଚିନ୍ଦା ସରପଞ୍ଚ ଶିଶିର ରଣା, ପୂର୍ବତନ ସମ୍ପାଦକ ଅନନ୍ତ ସାମଲ, ସମାଜସେବୀ ମୂରଲୀମୋହନ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ବେହେରା, ରାଜେନ୍ଦ୍ର ପଣ୍ଡା, ଗୋପାଳଚନ୍ଦ୍ର ସେଠୀ, ନିମାଇଁ ଚରଣ ପାଳ, ଯଦୁନନ୍ଦନ ଦାସ ଅଧିକାରୀ, ନନ୍ଦକିଶୋର ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ଦେ ଓ ଚାଷୀ କମିଟିର ସଦସ୍ୟ ଏବଂ ସମିତିର ସଦସ୍ୟ/ସଦସ୍ୟାମାନେ ଉପସ୍ଥିତ ଥିଲେ।



ଖଇରା


ରାଜଘାଟ



ଦହମୁଣ୍ଡା

## ସଫଳ କ୍ରୀଡ଼ା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା



**ଚନ୍ଦନେଶ୍ୱର, ୨୭।୧୨(ସମିସ):** ଭୋଗରାଇ ବ୍ଲକ ଟୁକୁରୀହାଜିରା ପଞ୍ଚାୟତର ତିନିଟି ଦଳ ବ୍ଲକସ୍ତରୀୟ ନୂଆ -ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା' ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡା ଉତ୍ସବରେ ସଫଳତା ଅର୍ଜନ କରିଛନ୍ତି। ସେଥିପାଇଁ ରବିବାର ପଞ୍ଚାୟତ ତରଫରୁ ସଫଳତା ଲାଭ କରିଥିବା ପୁରୁଷ ବିଭାଗର ଭଲିବଲ, ପୁରୁଷ ବିଭାଗର କବାଡି, ମହିଳା ବିଭାଗର କବାଡି ଦଳକୁ ପଞ୍ଚାୟତ ଓ ପଞ୍ଚାୟତବାସୀଙ୍କ ତରଫରୁ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରାଯାଇଛି। ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, କୃଷକ ସାଥୀ ସୁଶାନ୍ତ ଗିରି, ସମାଜସେବୀ ସନ୍ତୋଷ ସାସମଲ, ଯତୀନ୍ଦ୍ର ନାଥ ଗିରି, ସାମ୍ବାଦିକ ଶିଶିର ପ୍ରଧାନ ପ୍ରମୁଖ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ଖେଳାଳୀଙ୍କୁ ସାବାସୀ ଜଣାଇବା ସହିତ ଆଗକୁ କିପରି ଅଧିକ ସଫଳତା ପାଇପାରିବେ ସେଥିପାଇଁ ଆର୍ଶିବାଦ ଓ ସୁଉପଦେଶ ସହିତ ସମ୍ବର୍ଦ୍ଧିତ କରିଥିଲେ।

## ନୀଳମଣି କଲେଜରେ ରକ୍ତଦାନ ଶିବିର



**ରୂପସା, ୨୭।୧୨(ସମିସ):** ରୂପସା ନୀଳମଣି ମହାବିଦ୍ୟାଳୟ ସାମାଜିକ ସଂଗଠନ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ନୂଆ -ଓ ଯୋଜନା ପ୍ରଯୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ ପାଠୀ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ଡ. ତପନ ବେହେରା ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ବ୍ଲଡ୍ ବ୍ୟାଙ୍କ ଅଫିସର ଡା. ସଞ୍ଜୀବ ପ୍ରଧାନ, ପୁରାତନ ଛାତ୍ର ସଂସଦ ସଭାପତି ଜୟନ୍ତ ପାଣିଗ୍ରାହୀ, ନୋଡାଲ ଅଫିସର ଡ. ଶାନ୍ତନୁ ଜେନା, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ହରେନ୍ଦ୍ର ଗାଁଣ, ଜୟକୃଷ୍ଣ ସାହୁ ଓ ଅଧ୍ୟାପିକା ରଶ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶିବିରରୁ ୩୯ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

### ବିନା କାଗଜପତ୍ରରେ ଚାଲିଛି ମାଲ ମାଲ ଗାଡ଼ି

# କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର

**ବସ୍ତା ବ୍ଲକ, ୨୭।୧୨(ସମିସ):**




ଦୁର୍ଘଟଣା ଏଡାଇବା ପାଇଁ ସରକାର ନିୟମ କଡ଼ା କଡ଼ି କରୁଛନ୍ତି। ସରକାରୀ ନିୟମ ମାନିବା ନେଇ ସଚେତନତା କରାଯିବା ସହ ଅମାନିଆଙ୍କୁ ସାବାଡ ପାଇଁ ଜରିମାନା କରାଯାଉଛି। ମାତ୍ର ବାଲେଶ୍ୱର ଜିଲ୍ଲା ବସ୍ତା, ରୂପସା, ସିଂଲା, ଜଳେଶ୍ୱର, ବାଲିଆପାଳ, ଭୋଗରାଇ ଥାନା ଅଞ୍ଚଳରେ ସରକାରୀ ନିୟମକୁ ଖୋଲା ଖୋଲି ଉଲଂଘନ କରି ଚାଲିଛି ଶହ ଶହ ଟ୍ରାକ୍ଟର। ପୁଲିସ ଦୁଇଚକିଆ ବାଇକ୍ ଆରୋହୀଙ୍କୁ ଯାଞ୍ଚ କରି ମୋଟା ଅଙ୍କର ଅର୍ଥ ଜରିମାନା କରୁଥିବା ବେଳେ ପରିବହନ ଓ ପୁଲିସର ନାକ ତଳେ ଚାଲିଛି ମାଲ ମାଲ ବିନା କାଗଜ ପତ୍ରର ଗାଡି। ଏହା ଫଳରେ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର। ପ୍ରକାଶ ଯେ ସରକାରୀ ନିୟମ ଅନୁସାରେ କୃଷି କାର୍ଯ୍ୟରେ ବ୍ୟବହାର ପାଇଁ ସରକାର ସବୁ କ୍ଷେତ୍ରରେ ରିହାତି ଟ୍ରାକ୍ଟର ଉପରେ ଦେଉଛନ୍ତି। ମାତ୍ର ଏହି ସବୁ ଟ୍ରାକ୍ଟର ଚାଷ ଛାଡି ବ୍ୟବସାୟରେ ବ୍ୟବହାର କରୁଛନ୍ତି। ବିନା ନମ୍ବର ପ୍ଲେଟରେ ଗାଡି ସୋ ରୁମରୁ ବାହାରି ନ ପାରିବାର ନିୟମ ଥିବା ବେଳେ ଟ୍ରାକ୍ଟର ଶୋ ରୁମ ମାଲିକମାନେ ସବୁ ନିୟମକୁ ଉଲ୍ଲଙ୍ଘନ କରି ବିନା କାଗଜପତ୍ର ଓ ବୀମାରେ ଗାଡ଼ି ବିକ୍ରି କରୁଥିବା ଦେଖିବାକୁ ମିଳିଛି। ମୋଟାମୋଟି ଦେଖିବାକୁ ଗଲେ ନିୟମ ଅନୁସାରେ ଗୋଟିଏ ଟ୍ରାକ୍ଟର ପିଛା ୨୦ରୁ ୩୫ ହଜାର ପର୍ଯ୍ୟନ୍ତ ଟ୍ୟାକ୍ସ ହେଉଥିବା ବେଳେ ଟ୍ରଲିରେ ୧୦ରୁ ୧୫ ହଜାର ଅଛି। ମିଳିଥିବା ସୂଚନା ଅନୁଯାୟୀ ବର୍ଷକୁ ଏକ ହଜାରରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ବିଭିନ୍ନ କମ୍ପାନୀର ବିକ୍ରି ହେଉଛି। ଏହି ହିସାବରେ ଦେଖିବାକୁ ଗଲେ କୋଟି କୋଟି ଟଙ୍କା କ୍ଷତି ସହୁଛନ୍ତି ରାଜ୍ୟ ସରକାର। ଗାଡ଼ି ସବୁ ବେଆଇନ ଭାବେ ମୋରୋମ, ମାଟି ଓ ବାଲି ପରିବହନ କରୁଛନ୍ତି। ପୁଲିସ ଭୟରେ ଦ୍ରୁତ ଗତିରେ ଚଳାଇ ଅନେକ ସମୟରେ ଦୁର୍ଘଟଣା ଘଟାଉଛନ୍ତି ଓ ଘଟଣାସ୍ଥଳରୁ ଫେରାର ହୋଇଯାଉଛନ୍ତି। ନମ୍ବର ବିହୀନ ଯୋଗୁଁ ସେ ଗାଡି କାହାର ଜଣାପଡୁନାହିଁ। ଟ୍ରଲି ଲାଗିଥିବା ଟ୍ରାକ୍ଟରରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲାଗି ନ ଥିବା ବେଳେ ଟ୍ରଲିର ନମ୍ବର ନାହିଁ। ବୀମା, ଫିଟନେସ, ପଲ୍ୟୁସନ ଗାଡ଼ି ଗୁଡ଼ିକର ନ ଥିବା ଶୁଣିବାକୁ ମିଳିଛି। ଏହି ସବୁ ଗାଡ଼ିକୁ ପୁଲିସ ଓ ପରିବହନ ବିଭାଗର ଅଧିକାରୀମାନେ ଜାଣି ପାରୁନାହାନ୍ତି ନା ଭିତିରି ବୁଝାମଣାରେ ଏହି ସବୁ ଗାଡି ଚାଲିଛି ତାକୁ ନେଇ ସନ୍ଦେହ ପ୍ରକାଶ ପାଉଛି। ତହସିଲ କର୍ମଚାରୀ ଓ ପୁଲିସ ମାଟି ବାଲି ଚାଲାଣ ବେଳେ ଟ୍ରାକ୍ଟର ଧରି ଫାଇନ ଆଦାୟ କରୁଛନ୍ତି। ସେହି ସବୁ ଗାଡ଼ିର କାଗଜ ପତ୍ରରେ ଅନିୟମିତତା ଥିବା ବେଳେ ପୁଲିସ କାଗଜପତ୍ରରେ ଅନ୍ୟ ନମ୍ବର ପକାଇ ଗାଡ଼ି ସବୁ ଛାଡି ଦେଉଥିବା ଭିତିରି ସୂତ୍ରରୁ ଜଣାପଡ଼ିଛି। ଲୋକେ ଅଭିଯୋଗ କଲେ ତହସିଲ ଓ ପୁଲିସ ବାହାରିବା ପୂର୍ବରୁ ଗାଡି ମାଲିକଙ୍କୁ ଖବର ମିଳି ଯାଉଥିବାରୁ ସେମାନେ ସଜାଗ ହୋଇଯାଉଛନ୍ତି। ନାମକୁ ମାତ୍ର ରାଜସ୍ୱ ବିଭାଗ ଓ ପୁଲିସ ଚଢ଼ଉ କରି ସାଧାରଣ ଲୋକଙ୍କ ଆସ୍ଥା ଜିଣିବାକୁ ଦେଖେଇ ହେଉଥିବା ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କରା ନ ଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ରୋଗୀକୁ ସହାୟତା ପ୍ରଦାନ କଲେ ଶିକ୍ଷାବିତ୍

**ଭୋଗରାଇ, ୨୭।୧୨(ସମିସ):** ବନ୍ୟା, ବାତ୍ୟା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୀଡ଼ିତଙ୍କ ପାଖରେ ପହଞ୍ଚି ବିଭିନ୍ନ ପ୍ରକାର ସହାୟତା ଯୋଗାଇଦେବା ସହ ରୋଗରେ ପୀଡିତ ଗୁରୁତରଙ୍କୁ ସହାୟତା, ଗରିବ ଅସହାୟଙ୍କୁ ମଶାରୀ, କମ୍ବଳ, ଶୀତବସ୍ତ୍ର ପ୍ରଦାନ କରି ଚର୍ଚ୍ଚାରେ ରହି ଆସିଥିବା ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ଇଂ ବିଦ୍ୟୁବେନ୍ଦୁ ପାତ୍ର ପୁଣି ଜଣେ ଗୁରୁତର ରୋଗୀଙ୍କୁ ସହାୟତା ପ୍ରଦାନ କରିଛନ୍ତି। ହୁଗୁଳି ପଞ୍ଚାୟତ ଅନ୍ତର୍ଗତ ଗାଜିପୁର ଗାଁର ପୂର୍ବତନ ୱାର୍ଡମେମ୍ବର ସେକ୍ ଆବୁବକ୍କର (ଫକିରୁଦ୍ଦିନ) ବ୍ରେନ ହ୍ୟାମରେଜରେ ପୀଡିତ ହୋଇ ଗୁରୁତର ହୋଇଥିଲା ବେଳେ ଏବେ ସେ ଚିକିତ୍ସାଧୀନ ରହିଛନ୍ତି। ଖବର ପାଇ ଇଂ. ପାତ୍ର ତାଙ୍କ ଘରେ ପହଞ୍ଚି ଚିକିତ୍ସା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହିତ ଫଳ, ବିସ୍କୁଟ ଓ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ପରେ ଚନ୍ଦନେଶ୍ୱର ମହାଦେବ ମନ୍ଦିର ବାହାରେ ବସିଥିବା ଗରିବ, ଅସହାୟଙ୍କୁ ଫଳ, ବିସ୍କୁଟ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଇଂ ପାତ୍ରଙ୍କ ସହିତ ହୁଗୁଳି ପଞ୍ଚାୟତ ସମିତି ସଦସ୍ୟ ଗୋବିନ୍ଦ ଦାସ, ସାମ୍ବାଦିକ ସୁବାସ ଚନ୍ଦ୍ର ଦାସ, ସମାଜସେବୀ ହରେକୃଷ୍ଣ ଦେ, ଭୂପତି ମହାନ୍ତି, ଧୀରେନ୍ଦ୍ର ଦାସ, କମଳଲୋଚନ ପ୍ରଧାନ, ଆଇନଜୀବି ୱତନ ରାଜ, ସାମ୍ବାଦିକ ପ୍ରଦୀପ ଦାସ, ଜଗନ୍ନାଥ ଗିରି ଓ ପ୍ରିୟବ୍ରତ ମହାପାତ୍ର ପ୍ରମୁଖଙ୍କ ସମେତ ସ୍ଥାନୀୟ ବହୁ ଜନସାଧାରଣ ଏଥିରେ ଅଂଶଗ୍ରହଣ କରିବା ସହିତ ସେକ ଆବୁବକ୍କରଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।।



## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ସୋର, ୨୭।୧୨(ସମିସ):** ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ୧୯୮୭-୯୦ ମସିହାର ବ୍ୟାଜ ପୁରାତନ ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୩ ବର୍ଷ ବ୍ୟବଧାନ ପରେ ଏହି ବନ୍ଧୁମିଳନ ଏକ ଭାବପ୍ରବଣାତ୍ମକ ପରିବେଶ ସୃଷ୍ଟି କରିଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପ୍ରଧାନଙ୍କ ପୌରହିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ପୂର୍ବତନ ଅଧ୍ୟାପକ ଡ.ନରହରି ପାଢ଼ୀ, ପ୍ରଫେସର କୀର୍ତ୍ତନ ବିହାରୀ ଦାସ, ଅଭୟ ମଲ୍ଲିକ, ନେତ୍ରାନନ୍ଦ ରାଉତ, ଜିତେନ୍ଦ୍ର ଦାଶ ମହାପାତ୍ର, ନଳିନୀକାନ୍ତ ପାଢ଼ୀ, ସେକ୍ ଗ୍ୟାସୁଦ୍ଦିନ, ଭାସ୍କର ପ୍ରଧାନ, ଅରୁଣ ପାଢ଼ୀ ଯୋଗଦେଇ ଅଧ୍ୟାପକ ସୁଶାନ୍ତ ଦେଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ବ୍ୟାଜର ନାଟ୍ୟ ସମ୍ପାଦକ ଉମାକାନ୍ତ ମିଶ୍ର ମଞ୍ଚ ପରିଚାଳନା ସହିତ ନିଜସ୍ୱ କଳା ପ୍ରଦର୍ଶନ କରିଥିଲେ। ସଂଗଠନର ସଭାପତି ଆଇନଜୀବୀ ପ୍ରମୋଦ ଦାସ, ପ୍ରଫୁଲ୍ଲ ପଣ୍ଡା, ମୁଖ୍ୟ ଉଦ୍ୟୋକ୍ତା ଅସିତ ପଣ୍ଡା, ବସନ୍ତ ପାତ୍ର ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଘାଟିତ

**ସୋର, ୨୭।୧୨(ସମିସ):** ସୋର ବ୍ଲକ କୁଡେଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନାର ଏକ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ କରୁଣାକର ସାହୁ ଏହାକୁ ଉଦ୍‌ଘାଟନ କରି ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଜୟନ୍ତ ସ୍ୱାଇଁ, ଜାତୀୟ ସେବା ଯୋଜନାର ଉଚ୍ଚ ମାଧ୍ୟମିକ ରାଜ୍ୟ ସମ୍ପାଦକ ଡ.ବିଶ୍ୱମୋହନ ଜେନା ଓ ଜିଲ୍ଲା ସଂଯୋଜକ ହୃଷିକେଶ ପଣ୍ଡା ସ୍ୱେଚ୍ଛାସେବିନୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିବିରାର୍ଥୀମାନେ ନଦୀଗାଁ ଗ୍ରାମକୁ ପୌଷ୍ୟଗ୍ରାମ ଭାବେ ଗ୍ରହଣ କରି ସ୍ୱଚ୍ଛତା ଉପରେ ସଚେତନ କରାଇଥିଲେ। ଶେଷରେ ସ୍ୱେଚ୍ଛାସେବିନୀ ସୁବାଷିନୀ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।




## ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ସିମୁଳିଆ, ୨୭।୧୨(ସମିସ):** ଈଶ୍ୱରପୁର ପଞ୍ଚାୟତର ଜୟ ଜଗନ୍ନାଥ କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ଦିବାରାତ୍ର ଏକ ଦିବସୀୟ ଫାଇନାଲ ମ୍ୟାଚରେ ଭିଏନ ଟ୍ରଫି କ୍ରିକେଟ ଟିମ ଚାମ୍ପିୟନ ହୋଇଛି। ବିବରଣୀରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଈଶ୍ୱରପୁର ପଞ୍ଚାୟତର ଈଶ୍ୱରପୁର ଗ୍ରାମର ଜୟ ଜଗନ୍ନାଥ କ୍ରିକେଟ କ୍ଲବ ପକ୍ଷରୁ ପଞ୍ଚାୟତ ପଡ଼ିଆରେ ଦିବାରାତ୍ର ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଭିଏନ ଟ୍ରଫି ବାସୁଦେବପୁର ଓ ବଜରଙ୍ଗୀ ୱାରିୟର ମାର୍କୋଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଜରଙ୍ଗୀ ୱାରିୟର ମାର୍କୋଣାକୁ ପରାସ୍ତ କରି ଭିଏନ ଟ୍ରଫି ଦଳ ଚାମ୍ପିୟନ ହୋଇଥିଲା। ଏହି ଖେଳକୁ ବଳରାମ ବାରିକ ଓ ତାପସ ପାଲ ପରିଚାଳନା କରିଥିଲେ। ଉଦଘାଟନୀ ମ୍ୟାଚରେ ସ୍ଥାନୀୟ ସରପଞ୍ଚ କବିତା ନାୟକ ଓ କ୍ଷୀତିଶ ମହାନ୍ତି ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ଜୟ ଜଗନ୍ନାଥ କ୍ରିକେଟ କ୍ଲବର ସଭାପତି ତାପସ ପାଲ ଓ ସମ୍ପାଦକ ରାଜେଶ ବେହେରାଙ୍କ ତତ୍ତ୍ୱାବଧାନରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥିଭାବେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ସମ୍ମାନୀତ ଅତିଥିଭାବେ ପୂର୍ବତନ ଜିଲ୍ଲାପରିଷଦ କ୍ଷୀତିଶ ମହାନ୍ତି ଯୋଗଦେଇ ବିଜେତା ଦଳକୁ ଅର୍ଥରାଶି ଓ କପ ପ୍ରଦାନ କରିଥିଲେ।

## ସରକାରୀ ଧାନମଣ୍ଡି ଉଦ୍‌ଘାଟିତ

**ଭୋଗରାଇ, ୨୭।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଦାହୁଣଦା ସମବାୟ ସମିତିରେ ସରକାରୀ ଧାନମଣ୍ଡି ବୁଧବାର ଉଦଘାଟିତ ହୋଇଯାଇଛି। ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଧାନମଣ୍ଡି ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଆଶିଷ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭୋଗରାଇ ଶାଖା ପରିଚାଳକ ନାରାୟଣ ମହାପାତ୍ର, ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ବସନ୍ତ ଗିରି, ସମବାୟ ସମିତି ସଭାପତି ରାମକୃଷ୍ଣ ଘୋଷାଲ, ଦାହୁଣଦା ସରପଞ୍ଚ ମାନିନୀ ଘୋଷାଲ, ସିଆଁରୁଇ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ବାଉଁଶଡିହା ସରପଞ୍ଚ ଶୈଳବାଳା ପାତ୍ର ଓ ପଞ୍ଚାୟତ ସମିତିସଦସ୍ୟ ସଞ୍ଜୟ ମାଝୀ, ଚାଷୀ କମିଟି ସଦସ୍ୟ ମନ୍ମଥ ମହାନ୍ତି, ଶକ୍ତିଧର ପତି, ମନୋରଞ୍ଜନ ମାଝୀ ଓ ହରେନ୍ଦ୍ର ନାଥ ଦେ, ସମବାୟ ସମିତି ପରିଚାଳନା ବୋର୍ଡର ଉପସଭାପତି ବିଷ୍ଣୁପ୍ରିୟା ଦାସ, ପୂର୍ବତନ ସଭାପତି ତଥା ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ପ୍ରମାଣିକ, ହେମନ୍ତ ନନ୍ଦୀ, ଶ୍ରୀକୃଷ୍ଣ ଚୈତନ୍ୟ ଦାସ, ରବିନାରାୟଣ ପ୍ରଧାନ, ମଧୁସୂଦନ ବେହେରା, ପ୍ରଦୀପ ପ୍ରମାଣିକ, ବିଷ୍ଣୁପଦ ମହାନ୍ତି, ଗୋପୀନାଥ ଦତ୍ତ, ଗୌରହରି ପାଳ, ଶିଶିର ଚକ୍ରବର୍ତ୍ତୀ, ମଞ୍ଜୁଲତା ରାଉଳ, ରେଖା ଖଟୁଆ, ପୁଷ୍ପଲତା ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।



## ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ

**ଖଇରା, ୨୭ ।୧୨(ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାଣପୁର ସରସ୍ୱତୀ ଶିଶୁ ମନ୍ଦିରର ୩ ଦିନିଆ ରୌପ୍ୟ ଜୟନ୍ତୀ ସମାରୋହ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ପରିଚାଳନା କମିଟି କୋଷାଧକ୍ଷ ବିଜୟ ଘୋଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଶିକ୍ଷା ବିକାଶ ସମିତିର ରାଜ୍ୟ ସଭାପତି କିଶୋର ମହାନ୍ତି ମୁଖ୍ୟଅତିଥି, ଲୋକପ୍ରିୟ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା, ଓଡ଼ିଶା ସରକାରଙ୍କ କଳା, ସଂସ୍କୃତି ଓ ମାନବ ସମ୍ବଳ ବିଭାଗ ରାଜ୍ୟ ସମ୍ପାଦକ ଶଶି କୁମାର ସାହୁ, ସିଆରପିଏଫ ଯବାନ ମୟୂର ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଚାର୍ଯ୍ୟ ଅଶୋକ ରଞ୍ଜନ ପଲେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ପରେ ବିଶିଷ୍ଟ ବ୍ୟକ୍ତି, ପୂର୍ବରୁ ଏବଂ ବର୍ତ୍ତମାନ କାର୍ଯ୍ୟରତ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅବସରପ୍ରାପ୍ତ କିରାଣିଙ୍କ ପରଲୋକ



**ସୋର, ୨୭।୧୨(ସମିସ):** ସୋର ବ୍ଲକ ନଦୀଗାଁର ଅବସରପ୍ରାପ୍ତ ବରିଷ୍ଠ କିରାଣି (ଏନ୍‌ସିସି) ଙ୍କର ୭୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ କିଛିଦିନ ହେଲା ସେ ରୋଗରେ ପୀଡ଼ିତ ଥାଇ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ପରିବାର ଲୋକଙ୍କ ଉପସ୍ଥିତିରେ ତାଙ୍କ ମରଶରୀରକୁ ନିକଟସ୍ଥ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ସ୍ୱର୍ଗତ ଦାସଙ୍କ ବଡପୁଅ ଶ୍ରୀକାନ୍ତ ମୁଖାଗ୍ନି ଦେଇଥିଲେ।

### ଔପଦା ବ୍ଲକରେ ଜନଅଭିଯୋଗ ଶୁଣାଣି ଶିବିର

# ୫୫ଟି ଆପତ୍ତି ଅଭିଯୋଗ ଆଗତ



**ଔପଦା, ୨୭।୧୨(ସମିସ):** ଔପଦା ବ୍ଲକ ସଭା ଗୃହରେ ଆଜି ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନଶୁଣାଣିରେ ୫୫ଜଣ ଆବେଦନକାରୀଙ୍କ ଶୁଣାଣି ହୋଇଥିଲା। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ୍ଧ ଓ ଏସପି ସାଗରିକା ନାଥ ସମେତ ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ବିଡିଓ ଆଦିକନ୍ଦ ବେହେରା, ସିଡିଏମଓ ଦୁଲାଲସେନ ଜଗଦେବ, ତହସିଲଦାର ମିତାଲି ମଧୁଛନ୍ଦା ପାତ୍ର ପ୍ରମୁଖ ଯୋଗଦେଇ ଅଭିଯୋଗକାରୀ ଜନତାଙ୍କ ଅଭିଯୋଗ ଶୁଣିଥିଲେ। ଖଇରା ବ୍ଲକ ଦିଗତେନ୍ତୁଳି ଓ ଔପଦା ବ୍ଲକ ମହୁଲଗଡିଆ ଗ୍ରାମ ନିକଟରେ ହେଉଥିବା କେନାଲ ପାଣି ନିଷ୍କାସନର ଅବ୍ୟବସ୍ଥା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ସେହିପରି ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଉପରେ ଅଭିଯୋଗ ହୋଇଥିଲା। ଏହି ଯୁଗ୍ମ ଜନଶୁଣାଣିରେ ଜିଲ୍ଲା ଓ ବ୍ଲକର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗର ସମାଧାନରେ ଅଂଶଗ୍ରହଣ କରିଥିଲେ। ପରେ ପରେ ଜିଲ୍ଲାପାଳ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ

**ଭୋଗରାଇ, ୨୭।୧୨(ସମିସ):** ଭୋଗରାଇ ବ୍ଲକ ଜୟରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୬ ମସିହା ମେଟ୍ରିକ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର କବି ଶ୍ରୀକୁମାର ଘୋଷ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ ବିଜ୍ଞାନଶିକ୍ଷକ ବିପଦ ଭଞ୍ଜନ ମିଶ୍ର, କାଳିଚରଣ ଦେ, ରବୀନ୍ଦ୍ର ଦାସ, ସୁବଳ ଗିରି, ସୁଶୀଲ ଗିରି ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକ ଯୋଗଦେଇଥିଲେ। ପୁରାତନ ଛାତ୍ରଛାତ୍ରୀମାନେ ସମସ୍ତ ଅବସରପ୍ରାପ୍ତ ଶିକ୍ଷକଙ୍କ ସମେତ ଦିବଙ୍ଗତ ଶିକ୍ଷକ ପଣ୍ଡିତ ମହେଶ ରଞ୍ଜନ ମିଶ୍ରଙ୍କ ପ୍ରତିନିଧି ପ୍ରଦୀପ ମିଶ୍ର, ଦିବଙ୍ଗତ ଅନନ୍ତ ସାହୁଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ସାହୁ ଓ ଦୁଇଜଣ ଦିବଙ୍ଗତ ଶିକ୍ଷା କର୍ମଚାରୀଙ୍କ ପତ୍ନୀଙ୍କ ପଦ ବନ୍ଦନା କରିବା ସହିତ ନୂଆ ଅଙ୍ଗବସ୍ତ୍ର, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ତଥା ପୂର୍ବତନ ସରପଞ୍ଚ ସତୀଶ ଚନ୍ଦ୍ର ପରିଡ଼ା, ଶିକ୍ଷକ ଜନାର୍ଦ୍ଦନ ବାରିକ, କମଳାକାନ୍ତ ଦଳେଇ, ପୁରାତନ ଛାତ୍ର ତଥା ସାମ୍ବାଦିକ ବିକାଶ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀ ଆରତୀ ଘୋଷ ବେଦପାଠ ଓ ଛାତ୍ର ରମାକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



